**ଟୋକେନ ନାହିଁ କି ଟାର୍ଗେଟ ନାହିଁ**

# ବାହାରପୁର ଚାଷୀ ସରକାରଙ୍କ ସାବତ ପୁଅ କି!

ଧରାକୋଟ,୧୩।୧(ସମିସ)

ନିଜ ମୁଣ୍ଡର ଝାଳକୁ ତୁଣ୍ଡରେ ମାରି ଉତ୍ପାଦିତ କରିଥିବା ଧାନ ଫସଲ ମଣ୍ଡି ରେ ଦେଇପାରୁ ନାହାନ୍ତି ଚାଷୀ । ବାରମ୍ବାର ପାକ୍ସ କୁ ଦୌଡୁଥିଲେ ମଧ ଟୋକେନ ମିଳୁନି । ସମବାୟ ସମିତି ସମ୍ପାଦକ ଅସହାୟ ଭାବରେ ସଂକ୍ଷିପ୍ତ ଉତ୍ତର ଦେଉଛନ୍ତି ଟାର୍ଗେଟ ନାହିଁ । ଚାଷୀ ମହଲରେ ଭାଳେଣି ପଡ଼ିଲାଣି ସେମାନଙ୍କ ଧାନ କିଣିବ କିଏ ଓ କେବେ। ସାହୁକାର ଠାରୁ ଧାର କରଜ କରି ବିହନ, ସାର, ମଜୁରୀ ଦେଇ ଧାନ ଫସଲ କରିଥିବା ଚାଷୀ ନିଜ କ୍ଷେତକୁ ଦେଖି ବେଶ ଖୁସି ସଂଚାର କରିଥିଲା ମନରେ। ଧାର କରଜ ଶୁଝିବା ପରେ ବଳକା ହେବାର ମନରେ ଯେଉଁ ଆଶା ରହିଥିଲା ତାହା ଧୀରେ ଧୀରେ ମଉଳିବାକୁ



ବସିଲାଣି। କାରଣ ଧରାକୋଟ ବ୍ଲକର ସମସ୍ତ ପାକ୍ସରେ ଚାଷୀଙ୍କୁ ମେସେଜ ଆସି ଟୋକେନ ମଧ ମିଳିଲାଣି। କେବଳ ବାହାରପୁର ପାକ୍ସ ପଛରେ ରହିଛି । କାହିଁକି ଟୋକେନ ଚାଷୀଙ୍କୁ ଦିଆଯାଉନି ଓ ଏହି ସମିତି ପାଇଁ ଟାର୍ଗେଟ ଆସୁନି ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ଉତ୍ତର ସଂପୃକ୍ତ ବଡ଼ ଅଧିକାରୀ ମାନଙ୍କ ପାଖରେ ନାହିଁ। ଏହା ମଧ୍ୟରେ ବାହାରପୁରରେ ଦଳଗୋବିନ୍ଦ ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନ କିଣିବା ପାଇଁ ସରକାର ଅନୁମତି ପ୍ରଦାନ କରିଛନ୍ତି। ବାହରପୁର ସମବାୟ ସମିତିରେ ୫୮୭ ଜଣ ଚାଷୀ ଧାନ ବିକ୍ରି ପାଇଁ ନିଜର ନାମ ପଞ୍ଜିକରଣ କରିଛନ୍ତି। ଦୀର୍ଘ ତିରିଶି ଦିନ ଆଗରୁ ଧାନ ଫସଲ ଅମଳ କରି ଘରେ, ଜମିରେ ଓ ଖଳାରେ ରଖିଛନ୍ତି। ସରକାରି ଘୋଷଣା ଅନୁଯାୟୀ ଗତ ଡ଼ିସେମ୍ବର ମାସ ୨୩ ତାରିଖ ଦିନ ଧାନ ମଣ୍ଡି ଖୋଲିଛି। ବିଳମ୍ବରେ ହେଲେ ମଧ ବାହାରପୁର ପାକ୍ସକୁ ବାଦ ଦେଇ ଅନ୍ୟ ପାକ୍ସରେ ଧାନ କିଣା ଆରମ୍ଭ ହେଲାଣି। ବ୍ଲକର ୧୫ ପାକ୍ସ ଓ ୯ ଟି ସ୍ୱୟଂ ସହାୟକ ଗୋଷ୍ଠୀ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ପାଇଁ ଅନୁମତି ପାଇଛନ୍ତି। ହେଲେ ବାହାରପୁର ପଞ୍ଚାୟତ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇନଥିବାରୁ ଚାଷୀ ମାନେ ଶାଗ ମାଛ ମୂଲରେ ୧୮୦୦/୨୦୦୦ ଟଙ୍କାରେ ଦଲାଲ ଓ ଆନ୍ଧ୍ର ବେପାରୀଙ୍କୁ ଧାନ ବିକ୍ରି କରୁଛନ୍ତି। ତେଣୁ ମଙ୍ଗଳବାର ଏହି ପଞ୍ଚାୟତର ଶତାଧିକ ଚାଷୀ ଧରାକୋଟ ତହସିଲ କାର୍ଯ୍ୟାଳୟକୁ ଅଭିଯୋଗ କରିବା ପାଇଁ ଆସିଥିଲେ ମଧ ତହସିଲଦାର ଅନୁପସ୍ଥିତ ଥିବାରୁ ନିରାଶାରେ ଫେରିଥିଲେ। ତୁରନ୍ତ ଟୋକେନ ପ୍ରଦାନ ପାଇଁ ସରକାର ବିଧି ବ୍ୟବସ୍ଥା ନକଲେ ଆନ୍ଦୋଳନ ଚେତାବନୀ ମଧ ଦେଇଥିଲେ। ଘଟଣା ସମ୍ପର୍କରେ ବ୍ଲକ ଯୋଗାଣ ନୀରିକ୍ଷକଙ୍କ ସହ ଯୋଗାଯୋଗ ବେଳେ ବାହାରପୁର ପଞ୍ଚାୟତର ଚାଷୀଙ୍କ ସମସ୍ୟା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ସେ ଜଣାଇଛନ୍ତି, ଖୁବ ଶୀଘ୍ର ସମସ୍ୟା ର ସମାଧାନ ହେବ ବୋଲି ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ନିର୍ଭର ଯୋଗ୍ୟ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଗଞ୍ଜାମ ଜିଲ୍ଲାର ୪୧ଟି ପାକ୍ସର ଚାଷୀଙ୍କୁ ଟୋକେନ ପ୍ରଦାନ କରାଯାଇନାହିଁ କି ଟାର୍ଗେଟ ମଧ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ବାହାରପୁର ଚାଷୀ କଣ ସରକାରଙ୍କ ସାବତ ପୁଅ କି ? କେବେ ଆସିବ ଟାର୍ଗେଟ କେବେ ମିଳିବ ଟୋକେନ ଚିନ୍ତାରେ ପଡ଼ିଛନ୍ତି ଚାଷୀ।

## ଅଟୋ ଓଲଟି ୫ ଆହତ

ପୁରୁଷୋତ୍ତମପୁର,୧୩।୧(ସମିସ): ପୁରୁଷୋତ୍ତମପୁର ଥାନା ନୂଆପଲ୍ଲୀ ଛକ ନିକଟରେ ଏକ ଯାତ୍ରୀବାହୀ ଅଟୋ ଓଲଟି ପାଞ୍ଚ ଯାତ୍ରୀ ଆହତ ହୋଇଛନ୍ତି। ଆହତମାନେ ଦୁଆନପଲ୍ଲୀ ଗ୍ରାମର ହୋଇଥିବା ବେଳେ ସମସ୍ତେ ଶ୍ରମିକ। ସାତରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ଗୋଟିଏ ଅଟୋରେ ନୂଆପଲ୍ଲୀ ଛକ ନିକଟକୁ କାମ କରିବାକୁ ଯିବା ସମୟରେ ଘଟିଛି ଦୁର୍ଘଟଣା। ଆହତଙ୍କୁ ପ୍ରଥମେ ଭାଟକୁମରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଚିକିତ୍ସା ପରେ ତିନି ଜଣଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାରେ ପ୍ରକୃତ କାରଣ ଅସ୍ପଷ୍ଟ ରହିଛି।

## ଜଳିଗଲା ୩୫ ଭରଣ ଜମିର ଧାନ

ଗଞ୍ଜାମ,୧୩।୧(ସମିସ): ଗଞ୍ଜାମ ବ୍ଲକ ମଲାଡ଼ ପଞ୍ଚାୟତ ବରୋଦା ଗ୍ରାମର ଖଳାରେ ମଙ୍ଗଳବାର ଅପରାହ୍ନରେ ହଠାତ ନିଆଁ ଲାଗିଯାଇଥିଲା। ଫଳରେ ଖଳାରେ ଅମଳ କରିବାକୁ ଗଦା କରାଯାଇଥିବା ୩୫ ଭରଣ ଜମିର ଧାନ ସମ୍ପୂର୍ଣ୍ଣର୍ ଜଳି ପୋଡି ନଷ୍ଟ ହୋଇ ଯାଇଛି। ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଗ୍ରାମର ଜମିଲା ରାଉତ, ମହେଶ୍ୱର ସ୍ୱାଇଁ, ନରସିଂହ ସ୍ୱାଇଁ, ନନ୍ଦିନୀ ରାଉତ, ଗଙ୍ଗା ପରିଡା, ଆଦିତ୍ୟ ରାଉତ, ଲୋକନାଥ ରେଡ଼ି, ଜମ୍ମୁ ମହାନ୍ତିଙ୍କର ଧାନ ସବୁ ପୋଡି ପାଉଁଶ ହୋଇଯାଇଥିଲା। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ତହସିଲଦାର ସୁକାନ୍ତ ମିଶ୍ର, ସରପଞ୍ଚ ମମତା ବେହେରା, ସରପଞ୍ଚ ପ୍ରତିନିଧି ସୁଦାମ ବେହେରା ପ୍ରମୁଖ ବରୋଦା ଗ୍ରାମ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ସେମାନଙ୍କୁ ପ୍ରଶାସନ ଓ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଦୁର୍ଘଟଣାରେ ୩ ଗୁରୁତର

ଖଲ୍ଲିକୋଟ,୧୩।୧(ସମିସ): ଖଲ୍ଲିକୋଟ ଥାନା କରାଖୋଲ ନିକଟରେ ମଙ୍ଗଳବାର ଏକ ବାଇକ ଓ ସାଇକଲ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣ ଗୁରୁତର ହୋଇଛନ୍ତି। ସମସ୍ତ ଗୁରୁତରଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆଜି ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ରମ୍ଭାରୁ ଏକ ବାଇକ ଖଲ୍ଲିକୋଟ ଅଭିମୁଖେ ଆସୁଥିବା ସମୟରେ ହଠାତ କରାଖୋଲ ନିକଟରେ ଏକ ସାଇକଲ ସହ ଧକ୍କା ହୋଇଥିଲା। ଯାହା ଫଳରେ ବାଇକରେ ଥିବା ରାଜେଶ ଗୌଡ଼ ଓ କଳ୍ପନା ଜେନା ଏବଂ ସାଇକଲ ଆରୋହୀ ବାଉରୀବନ୍ଧୁ ପ୍ରଧାନ ତଳେ ପଡ଼ି ଗୁରୁତର ହୋଇଥିଲେ। ତୁରନ୍ତ ସେମାନଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବର ପାଇ ଖଲ୍ଲିକୋଟ ପୁଲିସ ମେଡ଼ିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଖବର ସଂଗ୍ରହ ସୁଦ୍ଧା ଗୁରୁତର ଆହତା ମେଡ଼ିକାଲରେ ଚିକିତ୍ସାଧୀନ ଥିବା ଜଣାପଡିଛି।

## ପୋଖରୀରେ ବୁଡି ବୃଦ୍ଧ ମୃତ

ସାନଖେମୁଣ୍ଡି,୧୩।୧(ସମିସ): ସାନଖେମୁଣ୍ଡି ବ୍ଲକ ଗଙ୍ଗାପୁର ପଞ୍ଚାୟତ ନରସିଂହଗଡ଼ ଗ୍ରାମରେ ଜଣେ ବୃଦ୍ଧ ଗ୍ରାମ ନିକଟ ଢେପାଗୁଡା ଗ୍ରାମ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ନରସିଂହଗଡ଼ ଗ୍ରାମର ସାଇବ ମଳିକ (୭୭)। ସାଇବ ମଙ୍ଗଳବାର ମଧ୍ୟାହ୍ନରେ ବିଲକୁ ଯାଇ ଢେପାଗୁଡା ଗ୍ରାମରେ ଥିବା ପୋଖରିକୁ ଗାଧୋଇବା ପାଇଁ ଯାଇଥିଲେ। ପୋଖରୀରେ ଗାଧୋଉଥିବା ସମୟରେ ହଠାତ୍ ଗୋଡ ଖସି ଯିବାରୁ ପୋଖରୀ ଭିତରକୁ ଚାଲିଯାଇଥିଲେ। ଅନ୍ୟ ଲୋକ ସାଇବଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସାଇବଙ୍କ ଜ୍ୱାଇଁ ପାଟପୁର ଥାନାରେ ଜଣାଇବା ପରେ ପାଟପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଏଏସଆଇ ରମାକାନ୍ତ ଶବର ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି।

## ଗାଣ୍ଡୁ ନାହାକ ହାଇସ୍କୁଲର ବାର୍ଷିକ ଉତ୍ସବ

ରମ୍ଭା,୧୩।୧(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ଝାରେଡି ପଞ୍ଚାୟତସ୍ଥ ଗାଣ୍ଡୁ ନାହାକ ହାଇସ୍କୁଲର ୩୧ ତମ ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଝାଡେଶ୍ୱର ପଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ମହାପାତ୍ର ଓ ମୁଖ୍ୟବକ୍ତା ଭାବେ ଇରୋ କିଡ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିର୍ଦ୍ଦେଶକ ପ୍ରମୋଦ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳ, ବାଳକୃଷ୍ଣ ମହାରଣା, ଗୋଲକ ପଲାଇ, ସରପଞ୍ଚ ସିଦ୍ଧେଶ୍ୱର ନାହାକ, ସମିତିସଭ୍ୟ ଅନୁକୂଳ ଚନ୍ଦ୍ର ନାହାକ, ଶିକ୍ଷକ ପ୍ରକାଶ ନାହାକ, ଅନୁଷ୍ଠାନର ସଭାପତି ଇନ୍ଦ୍ରମଣି ନାହାକ, ସୁଧିର ନାହାକ, ପୂର୍ବତନ ସରପଞ୍ଚ ତୋଫାନ ନାହାକ, ଦେବେଶ ନାହାକ ପ୍ରମୁଖ ଯୋଗ ଦେଇ ଗାଣ୍ଡୁ ନାହାକଙ୍କ ସ୍ମୃତିଚାରଣ କରିଥିଲେ। ଏତଦ୍ ବ୍ୟତୀତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମୀ, ସମୟାନୁବର୍ତ୍ତୀ, ନିୟମାନୁବର୍ତ୍ତୀ ହେବା ପାଇଁ ମଞ୍ଚାସୀନ ଅତିଥି ମାନେ ପରାମର୍ଶ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଶେଷଦେବ ବେହେରା ସଭା ସଂଯୋଜନା କରିଥିଲା ବେଳେ ଗାଣ୍ଡୁ ନାହାକଙ୍କ ନାତି ଚିତ୍ତରଞ୍ଜନ ନାହାକ ମୁଖ୍ୟ ପରିଚାଳକ ଭାବେ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶିକ୍ଷକ ବିରଞ୍ଚି ନାହାକ, ରମେଶ ଚନ୍ଦ୍ର ସାହୁ, ସଞ୍ଜୀବ ନାହାକ ପ୍ରମୁଖ ସହଯୋଗ କରିଥିଲେ । ଚିତ୍ତରଞ୍ଜନ ନାହାକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ

କବିସୂର୍ଯ୍ୟନଗର,୧୩।୧(ସମିସ): କବିସୂର୍ଯ୍ୟନଗର ପିଏମଶ୍ରୀ ମର୍ଦ୍ଦରାଜ ହାଇସ୍କୁଲରେ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପାଣିଗ୍ରାହୀଙ୍କ ସଂଯୋଜନାରେ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଏହାର ଶୁଭ ଉଦଘାଟନ କରିଥିଲେ ସ୍ଥାନୀୟ ବିଧାୟକ। ଶିକ୍ଷାବିତ ଶ୍ରୀହର୍ଷ ଖାଡେଙ୍ଗାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଶ୍ରୀଚନ୍ଦ୍ରଶେଖର ହାଇସ୍କୁଲ ପ୍ରଧାନ ଶିକ୍ଷକ ମିହିର କୁମାର ଶତପଥୀ, ଏବିଇଓ ମାଧବ ଚନ୍ଦ୍ର ମାଝୀ, ସିଆରସିସି ରବିନାରାୟଣ ବେହେରା, ମୁଖ୍ୟବକ୍ତା ବିଇଓ ଅଭିମନ୍ୟୁ ସାହୁ, ମୁଖ୍ୟ ଅତିଥି ସ୍ଥାନୀୟ ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସଭାପତି ଶ୍ରୀହର୍ଷ ଖାଡେଙ୍ଗା, ଆସିକା ସାଂସଦ ପ୍ରତିନିଧି ଯଜ୍ଞ ନାରାୟଣ ପଣ୍ଡା, ଦିବ୍ୟ ଜୀବନ ସଂଘ ସଭାପତି ବନମାଳୀ ଶତପଥୀ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ମ୍ୟାନେଜର ବିଶ୍ୱଭୂଷଣ ପାତ୍ର, ସିଦ୍ଧେଶ୍ୱର ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଶୋକ କୁମାର ବେହରୁକ, ସ୍କୁଲ ପରିଚାଳନା ସଭାପତି ମାର୍କେଣ୍ଡ ନାହାକ ଅତିଥିଗଣ ମଞ୍ଚାସୀନ ଥିଲେ। ପ୍ରାରମ୍ଭ ଭାଷଣ ଶିକ୍ଷୟତ୍ରୀ ବିଜୟଲକ୍ଷ୍ମୀ ସାହୁ ଦେଇଥିଲେ।

## ୧୨ ଏକର ଧାନ ଗଦା ଜଳିଗଲା

ଶେରଗଡ଼,୧୩।୧(ସମିସ): ଶେରଗଡ ବ୍ଲକ କୁଲାଗଡ ପଞ୍ଚାୟତ ବାଦଗଡ ଗ୍ରାମରେ ନିଆଁ ଲାଗି ୧୨ ଏକର ଧାନ ଗଦା ଜଳିଯାଇଛି। ଚାଷୀ ଧାନ ବିଲରୁ କାଟି ଗଦା କରି ଅମଳ କରିବା ବେଳକୁ ତାର ସବୁ ଆଶା ପାଣି ଫୋଟକା ଭଳି ମିଳେଇ ଯାଇଛି। ବାଦଗଡ ଗ୍ରାମର ଲୋଚନ ସାହୁଙ୍କ ୭ ଏକର, ସୁନିଳ ସାହୁଙ୍କ ୩ ଏକର, ଗୌରାଙ୍ଗ ସ୍ୱାଇଁଙ୍କ ୨ ଏକର ଧାନ ଅମଳ ଅପେକ୍ଷାରେ ପ୍ରସ୍ତୁତ ହୋଇ ରହିଥିଲା। ସରକାରୀ ମଣ୍ଡିରେ ଟୋକନ ଆସିଲେ ସେସବୁ ଧାନକୁ ଅମଳ କରି ମଣ୍ଡିକୁ ଦିଆଯାଇଥାନ୍ତା। ହେଲେ ସେ ଆଶା ଆଶାରେ ହିଁ ରହିଗଲା। ସୋମବାର ରାତିରେ ଦୁର୍ବୃତ୍ତ ମାନେ ଏହି ଧାନଗଦାରେ ନିଆଁ ଲଗାଇ ଚାଲି ଯାଇଥିଲେ। ନିଆଁ ର ଗତି ଅଧିକ ହେବାରୁ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ନିଆଁ ଅଣାୟତ୍ତ ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଧରାକୋଟ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସେତେବେଳକୁ ଧାନଗଦା ସମ୍ପୂର୍ଣ୍ଣ ପୋଡି ଛାରଖାର ହୋଇ ଯାଇଥିଲା। ଧାନଗଦା ଜଳୁଥିବା ଦେଖି ଚାଷୀ ମୁଣ୍ଡ ପିଟି କାନ୍ଦି ବେହୋସ ହୋଇ ପଡୁଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ କଥା ତିନି ଚାଷୀ ଲୋଚନ ସାହୁ, ସୁନିଳ ସାହୁ, ଗୌରାଙ୍ଗ ସ୍ୱାଇଁ କୌଣସି ଦୁର୍ବୃତ୍ତ ଜାଣିଶୁଣି ଧାନଗଦାରେ ନିଆଁ ଲଗାଇ ଦେଇଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି ଏବଂ କରିଥିବା ଋଣ କିପରି ପରିଶୋଧ କରିବେ ତାହାକୁ ନେଇ ଚିନ୍ତାରେ ଅଛନ୍ତି। ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଛି।

**● ଚିକିତ୍ସା ହୋଇ ଗାଁକୁ ଫେରୁଥିଲେ**

## ଦୁର୍ଘଟଣାରେ ଆଶାକର୍ମୀଙ୍କ ମୃତ୍ୟୁ

ଦିଗପହଣ୍ଡି,୧୩।୧(ସମିସ): ସୋମବାର ରାତି ପ୍ରାୟ ୨ ଟାରେ ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜ ନିକଟ କପାମଣ୍ଡି ସମ୍ମୁଖରେ ଏକ ଆମ୍ବୁଲାନ୍ସ ସହ ବୋଲେରୋ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଜଣେ ଆଶାକର୍ମୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଅନ୍ତର୍ଗତ ଚାରଝୋଡି ଗ୍ରାମର ଲଳିତା ନାୟକ (୪୫) ଏବଂ ଗୁରୁତର ଦ୍ୱୟ ହେଲେ ବିଶ୍ୱଜିତ ଖୋସଲା(୨୦) ଓ କୁମାରୀ ନାୟକ(୩୦)। କିଛିଦିନ ପୂର୍ବେ ଆଶାକର୍ମୀ ଲଳିତାଙ୍କ ପେଟରେ ଭୀଷଣ ଯନ୍ତ୍ରଣା ହେବାରୁ ତାଙ୍କ ସ୍ୱାମୀ ଭିକାରୀ ନାୟକ, ପୁତୁରା ରାଜେନ୍ଦ୍ର ଖୋସଲା, ଭଣଜା ବିଶ୍ୱଜିତ ଖୋସଲା ଏବଂ ଭଉଣୀ କୁମାରୀ ନାୟକ ମିଶି ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସୋମବାର ସେ ସୁସ୍ଥ ହୋଇ ସେହି ବୋଲେରୋ ଯୋଗେ ଫେରୁଥିବା ବେଳେ ଡେଙ୍ଗାଓସ୍ତା ଗ୍ରାମରୁ ବ୍ରହ୍ମପୁର ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଏକ ଆମ୍ବୁଲାନ୍ସ ଧକ୍କା ହୋଇଥିଲା। ଅଗ୍ନିଶମ ବାହିନୀ ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରିଥିଲେ। ଉପସ୍ଥିତ ଡାକ୍ତର ଲଳିତାଙ୍କୁ ମୃତ ଘୋଷଣା କରିଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ବିଶ୍ୱଜିତ ଓ କୁମାରୀଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପୁଲିସ ମଙ୍ଗଳବାର ସକାଳେ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ସ୍ୱାମୀ ଭିକାରୀଙ୍କ ଏତଲା କ୍ରମେ ଥାନା କେସ ନଂ. ୧୭/୨୬ ଅନୁଯାୟୀ ମାମଲା ରୁଜୁ କରିବା ସହ ଅପରାହ୍ନରେ ଶବ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୁଲିସ ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଥିବା ବେଳେ ଆମ୍ବୁଲାନ୍ସ ଚାଳକ ଫେରାର ଥିବା ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି।

## ଗଞ୍ଜେଇ ଜବତ; ମହିଳା ଗିରଫ

ଖଲ୍ଲିକୋଟ,୧୩।୧(ସମିସ): ୧୧ କିଲୋ ଗଞ୍ଜେଇ ଜବତ କରିବା ସହ ଜଣେ ମହିଳାଙ୍କୁ ଗିରଫ କରିବାରେ ସଫଳ ହୋଇଛି ଖଲ୍ଲିକୋଟ ଆଦର୍ଶ ଅବକାରୀ ଥାନା ପୁଲିସ। ମଙ୍ଗଳବାର ଅପରାହ୍ନରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଏକ ବିଶେଷ ସୂତ୍ରରୁ ଖବର ପାଇ ଖଲ୍ଲିକୋଟ ଆଦର୍ଶ ଅବକାରୀ ଥାନା ଅଧିକାରୀ ଅଙ୍କିତା ମହାକୁଡ ତାଙ୍କ ଟିମ ସହିତ କେଶପୁର ଓଭର ବ୍ରିଜ ନିକଟରେ ଚଢ଼ଉ କରିଥିଲେ। ସେଠାରୁ ୧୧ କିଲୋ ଗଞ୍ଜେଇ ଜବତ କରିବା ସହ ଜଣେ ମହିଳାଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଗିରଫ ମହିଳା ଜଣଙ୍କ କନ୍ଧମାଳ ଜିଲ୍ଲା କେ ନୂଆଗାଁ ଥାନା ଅଞ୍ଚଳର ବୋଲି ଜଣାପଡିଛି।



ରଙ୍ଗେଇଲୁଣ୍ଡା ବ୍ଲକ ମାର୍କଣ୍ଡି ଠାରେ ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ଭୋଗି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗାଁର ଯୁବଗୋଷ୍ଠୀ ଯୋଗ ଦେବାସହ ନିଆଁ ଜାଳି ଭୋଗି ପାଳିଥିଲେ ।

## ଦେଶୀମଦ ଜବତ, ଦୁଇ ଗିରଫ

ଦିଗପହଣ୍ଡି,୧୩।୧(ସମିସ): ଦିଗପହଣ୍ଡି ଥାନା ମହୁରୀ କାଳୁଆ ନିକଟ କୁମ୍ଭଝରି ଗ୍ରାମର ପ୍ରଭାକର ମଲ୍ଲିକଙ୍କୁ ପୁଲିସ ଗିରଫ କରି ମଙ୍ଗଳବାର ବ୍ରହ୍ମପୁର ଏସଡିଜେଏମ କୋର୍ଟକୁ ଚାଲାଣ କରିଛନ୍ତି। ତାଙ୍କ ନିକଟରୁ ୨୫ ଲିଟର ଦେଶୀମଦ ଜବତ କରାଯାଇଛି। ପ୍ରଭାକର ବେଆଇନ ଭାବେ ଗାଁରେ ଦେଶୀମଦ ବିକ୍ରୀ କରିବା ସହ ଚୋରା ଚାଲାଣ କରୁଥିବା ଖବରପାଇ ତାଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ମଦ ଜବତ କରାଯାଇଥିଲା। ଏନେଇ ଥାନା ଏଏସଆଇ ମନୋଜ ସିଂ ଏତଲା ଦେବାପରେ ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଏଏସଆଇ କହ୍ନେଇ ମିର୍ଦ୍ଧା ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ସେହିପରି ଦିଗପହଣ୍ଡି ଅବକାରୀ ଥାନା ଭାରପ୍ରାପ୍ତ ଓଆଇସି ଏନ୍. ତ୍ରିପତି କେ.ନୂଆଗାଁ ଥାନା ପୋଡ଼ାଖାଲ ଗ୍ରାମର କୈଳାସ ମଲ୍ଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଅବକାରୀ ଓଆଇସିଙ୍କ ନେତୃତ୍ୱରେ କର୍ମଚାରୀ ବୃନ୍ଦ ସୋମବାର ସନ୍ଧ୍ୟା ପ୍ରାୟ ୫ଟାରେ ଖମାରି ଗାଁ, ଗଡସାମନ୍ତରାପୁର ସମେତ ଆଖପାଖ ଇଲାକାରେ ସନ୍ଧ୍ୟା ପାଟ୍ରୋଲିଂ କରୁଥିବା ବେଳେ କୈଳାଶ ତାଙ୍କ ଗାଁ ରାସ୍ତାରେ ଏକ ପ୍ଲାଷ୍ଟିକ ଜାରକିନ୍ ଧରି ଯାଉଥିଲେ। ଅବକାରୀ କର୍ମଚାରୀ ସନ୍ଦେହରେ ତାଙ୍କୁ ରାସ୍ତାରେ ଅଟକାଇ ଖାନତଲାସ କରିବାରୁ ଜାରକିନ୍‌ରେ ୧୦ ଲିଟର ଦେଶୀମଦ ଥିବା ଜଣାପଡିଥିଲା। ତାଙ୍କ ବିରୋଧରେ ଅବକାରୀ ମାମଲା ନଂ.୧୮୭/୨୫-୨୬ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଥିଲା।

## ସରକାରୀ ହାଇସ୍କୁର ବାର୍ଷିକ କ୍ରୀଡା

ପୁରୁଷୋତ୍ତମପୁର,୧୩।୧(ସମିସ): ପୁରୁଷୋତ୍ତମପୁର ବ୍ଲକ ରାଇପୁର ପଞ୍ଚାୟତର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ସ୍କୁଲ ପରିସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନିତା କୁମାରୀ ବେହେରା ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନ ଦିବସରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ଅଧ୍ୟକ୍ଷା ରଶ୍ମିତା ବେହେରା କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ବରିଷ୍ଠ ଶିକ୍ଷକ କିଶୋର ସାହୁ ଧନ୍ୟବାଦ ଦେଇଥିଲେ। କ୍ରୀଡା ଶିକ୍ଷକ ଭଗବାନ ବେହେରା ଓ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ।































## କୋଦଳା ଏନ୍‌ଏସିରେ ଟେଣ୍ଡର ଅନିୟମିତତା ଅଭିଯୋଗ

ବ୍ରହ୍ମପୁର,୧୩।୧(ସମିସ): ସ୍ଥାନୀୟ ଗଞ୍ଜାମ କଳା ପରିଷଦ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ଗଞ୍ଜାମ ଶାଖା ପକ୍ଷରୁ କୋଦାଳ ଏନ୍‌ଏସିରେ ବିଭିନ୍ନ ଟେଣ୍ଡରରେ ଅନିୟମିତତା ହୋଇଥିବା ଅଭିଯୋଗ କରାଯାଇଛି। କାର୍ଯ୍ୟାଳୟର ବିଭିନ୍ନ କର୍ମଚାରୀମାନେ ଶାସକ ଦଳ ସହ ସାମିଲ ରହି ବିଭିନ୍ନ ସମୟରେ ଦଳୀୟ କାର୍ଯ୍ୟକ୍ରମରେ ସକ୍ରିୟ ରହୁଛନ୍ତି। ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନଥିବା ଫରୱାର୍ଡ ବ୍ଲକର ଜିଲ୍ଲା କୋଷାଧ୍ୟକ୍ଷ ସତ୍ପ୍ରେଶ୍ୱର ପାଣିଗ୍ରାହୀ ଅଭିଯୋଗ କରିଛନ୍ତି। ସୁଚିନ୍ତିତ ଭାବେ କିଛି ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ଟେଣ୍ଡର ପ୍ରଦାନ କରାଯାଉଥିବା ବେଳେ ଅନେକ ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଟେଣ୍ଡର ସମ୍ପର୍କିତ ବିଭିନ୍ନ ତଥ୍ୟ ସୂଚନା ଅଧିକାର ଆଇନ ବଳରେ ଦାବି କଲେ ତାହା ଉଦ୍ଦେଶ୍ୟମୂଳକ ଭାବେ ପ୍ରଦାନ କରାଯାଉ ନାହିଁ। ଯାହାକୁ ନେଇ ଟେଣ୍ଡର ପ୍ରକ୍ରିୟାରେ କିଛି ଅନିୟମିତତା ରହିଥିବା ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ଆଶଙ୍କା କରାଯାଇ ଏହାର ତଦନ୍ତ ଦାବି କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଫରୱାର୍ଡ ବ୍ଲକର ରାଜ୍ୟ ନେତା ସମରଜିତ୍ ମହାନ୍ତି ଓ ଜିଲ୍ଲା କମିଟି ସଦସ୍ୟ ଅଜୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜାମ ଓକିଲ ସଂଘ ନିର୍ବାଚନ; ପ୍ରଚାର ଆରମ୍ଭ

ବ୍ରହ୍ମପୁର,୧୩।୧(ସମିସ): ଗଞ୍ଜାମ ଓକିଲ ସଂଘର ନିର୍ବାଚନ ପ୍ରତିବର୍ଷ ଭଳି ପୂର୍ବ ନିର୍ଦ୍ଧାରିତ ମାର୍ଚ୍ଚ ମାସ ଶେଷ ଶନିବାର ଦିନ ହୋଇଥାଏ। ଏହି କ୍ରମରେ ମାର୍ଚ୍ଚ ୨୮ ରେ ନିର୍ବାଚନ ହେବାକୁ ଥିବା ବେଳେ ନିର୍ବାଚନ ଅଧିକାରୀଙ୍କ ସମେତ ଅଡିଟର ମନୋନୀତ ହୋଇସାରିଛନ୍ତି। ବିଭିନ୍ନ ପଦବୀ ପାଇଁ ଆଶାୟୀ ପ୍ରାର୍ଥୀଙ୍କ ପ୍ରଚାର ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। କୋର୍ଟ ପରିସର ପୂର୍ବାପେକ୍ଷା ଅଧିକ ଚଳଚଞ୍ଚଳ ହୋଇଉଠିଛି। ଚଳିତବର୍ଷ ୧୭ ଶହରୁ ଅଧିକ ଆଇନଜୀବୀଙ୍କ ନାମ ଭୋଟର ତାଲିକାରେ ରହିଥିବା ଜଣାପଡିଛି। ଆଶାୟୀ ପ୍ରାର୍ଥୀମାନେ ସିଧାସଳଖ ପ୍ରଚାର ସହିତ ସୋସିଆଲ ମିଡିଆକୁ ଆଧାର କରି ପ୍ରଚାରକୁ ଜୋରଦାର କରିଛନ୍ତି। ବିଭିନ୍ନ ପଦବୀରେ ବହୁମୁଖୀ ପ୍ରତିଦ୍ୱନ୍ଦିତା ଓ କଡା ଟକ୍କର ହେବାକୁ ଥିବାରୁ ପ୍ରାର୍ଥୀମାନେ ଡୋର କ୍ୟାମ୍ପେନିଂକୁ ଅଧିକ ଗୁରୁତ୍ୱ ଦେବେ ବୋଲି ଜଣାପଡିଛି। ଭୋଟର ତାଲିକାରେ ନିଜ ନାମକୁ ସୁରକ୍ଷିତ ରଖିବାକୁ ସମସ୍ତ ସଦସ୍ୟଙ୍କୁ ପଞ୍ଜିକରଣର ନବୀକରଣ କରିବାକୁ ପରାମର୍ଶ ମଧ୍ୟ ଦେଉଥିବା ଦେଖିବାକୁ ମିଳିଛି। ଆସନ୍ତା ୨୫ତାରିଖ ସୁଦ୍ଧା ନବୀକରଣ ହୋଇଥିବା ଭୋଟର ତାଲିକା ପ୍ରସ୍ତୁତ ହେବ।

## ପ୍ରତୀକ୍ଷାର ହେବ ଅନ୍ତ | ଆରମ୍ଭ ହେବ ବିଏମ୍‌ସି ପକ୍ଷରୁ 'ଏବିସି' ଅଭିଯାନ

ବ୍ରହ୍ମପୁର,୧୩।୧(ସମିସ): ଆସନ୍ତା ୧୭ ତାରିଖରୁ ବ୍ରହ୍ମପୁର ସହରରେ ବିଏମସି ପକ୍ଷରୁ ଆରମ୍ଭ ହେବ 'ଏବିସି' ବା 'ଆନିମଲ ବାର୍ଥ କଣ୍ଟ୍ରୋଲ' ଅଭିଯାନ। ବିଳମ୍ବରେ ହେଲେ ମଧ ଏହି ଅଭିଯାନ ଆରମ୍ଭ ହେଉଥିବାରୁ ସହରବାସୀ ଆଶ୍ୱସ୍ତ। ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ହୋଇଥିବା ଗଣନା ଅନୁସାରେ ବ୍ରହ୍ମପୁର ସହରରେ ମୋଟ ବୁଲା କୁକୁରଙ୍କ ସଂଖ୍ୟା ୫୩୪୧। କୁକୁରଙ୍କ ବଂଶ ବୃଦ୍ଧି ସହିତ ଦୌରାମ୍ଯ ଯୋଗୁଁ ସହରବାସୀ ଅତିଷ୍ଠ ହୋଇ ତ୍ରାହି ତ୍ରାହି ଡାକୁଥିଲେ। କୁକୁର କାମୁଡାରେ ବହୁ ଜନ ସାଧାରଣ ଆହତ ହେବା ସହିତ ମାମଲା ଥାନାକୁ ମଧ ଯାଇଥିବା ନଜିର ରହିଛି। ଯାହାକୁ ନେଇ ସହରରେ ବିଏମସି ପକ୍ଷରୁ ତୁରନ୍ତ ବୁଲା କୁକୁରଙ୍କ ବଂଶ ନିୟନ୍ତ୍ରଣ କରିବାକୁ ଦାବି ହୋଇ ଆସୁଥିଲା। ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଯାଇ ବିଏମସି ପକ୍ଷରୁ ଏବିସି ଅଭିଯାନକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇ ଭିତ୍ତିଭୂମି ପ୍ରତିଷ୍ଠା କରାଯାଇଥିଲା। ପରେ ଟେଣ୍ଡର ଜରିଆରେ ଏବିସି ଦାୟିତ୍ୱ ତୁଲାଇବା ପାଇଁ ବାଙ୍ଗାଲୁରୁର ସ୍ୱେଚ୍ଛାସେବୀ ସଙ୍ଗଠନ 'ଆଶ୍ରା'କୁ ଦିଆଯାଇଛି। ସ୍ଥାନୀୟ ମିଲିଟାରୀ ଲାଇନ ସ୍ଥିତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ର ପରିସରରେ ପୂର୍ବରୁ ଥିବା ୨୦ଟି କୁକୁରଙ୍କ ପାଇଁ ବ୍ୟବସ୍ଥା ଥିବା 'ଡଗ କେନାଲ' ସହିତ ଅସ୍ତ୍ରୋପଚାର ଗୃହକୁ ପ୍ରସ୍ତୁତ



କରାଯାଇଛି। ସେହିଭଳି ଅଧିକ ସଂଖ୍ୟକ କୁକୁରଙ୍କ ପାଇଁ ନୂତନ ଭାବେ 'କମ୍ୟୁନିଟି କେନାଲ' ନିର୍ମାଣ କରାଯାଇଛି। ଯାହାର କ୍ଷମତା ୧୦୦ଟି ବୁଲା କୁକୁରଙ୍କ ପାଇଁ ରହିଛି। ଦିନେ ଦୁଇଦିନ ମଧ୍ୟରେ ସ୍ୱତନ୍ତ୍ର ପଶୁ ଚିକିତ୍ସକ ଆସିବା ପରେ ଆସନ୍ତା ୧୭ ତାରିଖରୁ ସହରରେ ବୁଲା କୁକୁରଙ୍କ ବଂଶ ନିୟନ୍ତ୍ରଣ ଅଭିଯାନ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିବା ବେଳେ ତାହାର ଦିନକ ପୂର୍ବରୁ ଅର୍ଥାତ୍ ୧୬ତାରିଖରେ ପ୍ରାଣୀ ଚିକିତ୍ସାଳୟ ପରିସରରେ 'ଡ୍ରାଏ ରନ' ବା ଟ୍ରାଏଲ କରାଯିବ ବୋଲି କହିଛନ୍ତି ଦାୟିତ୍ୱରେ ଥିବା ଡେପୁଟି କମିସନର ଆଶିର୍ବାଦ ପରିଡା। ଦୈନିକ ଅନ୍ୟୁନ ୨୦ଟି ହିସାବରେ ବୁଲା କୁକୁରଙ୍କୁ ଧରି ସେମାନଙ୍କୁ ଡଗ କେନାଲକୁ ଅଣାଯିବ। ସେଠାରେ ଦିନଟିଏ ନିରୀକ୍ଷଣରେ ରଖିବା ପରେ ସେମାନଙ୍କର ବନ୍ଧ୍ୟାକରଣ କରାଯିବ। ତାହାପରେ ପୁଣି ସେମାନେ ସୁସ୍ଥ ହେବା ପର୍ଯ୍ୟନ୍ତ ଅର୍ଥାତ୍ ଅନ୍ୟୁନ ୩ରୁ୪ ଦିନ ନିରୀକ୍ଷଣରେ ରଖାଯାଇ ଚିକିତ୍ସା ଓ ଯତ୍ନ ନିଆଯିବ। ସୁସ୍ଥ ହେବାପରେ ସେମାନଙ୍କୁ ସେମାନଙ୍କ ନିଜ ଅଞ୍ଚଳରେ ପୁଣି ଛାଡି ଦିଆଯିବ। ଏଥିପାଇଁ ସ୍ୱତନ୍ତ୍ର ତାଲିମ ପ୍ରାପ୍ତ କୁକୁର ଧରାଳି, ଆବଶ୍ୟକ ସରଞ୍ଜାମ ସହିତ 'ଆଶ୍ରା' ସଙ୍ଗଠନ ପ୍ରସ୍ତୁତ ରହିଛି। ବର୍ତ୍ତମାନ ମହାରାଷ୍ଟ୍ରରୁ ୭ ଜଣ କର୍ମଚାରୀ ବ୍ରହ୍ମପୁରରେ ପହଞ୍ଚି ସାରିଥିବାବେଳେ କେବଳ ଜଣେ ପ୍ରାଣୀ ଚିକିତ୍ସକ ଓ ସହାୟକଙ୍କୁ ଅପେକ୍ଷା କରାଯାଇଛି। ପ୍ରତି କୁକୁରଙ୍କ ପିଛା ୧୮ ଶହ ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ବର୍ଷକ ମଧ୍ୟରେ ସହରର ସମସ୍ତ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଜରିଆରେ ବଂଶ ନିୟନ୍ତ୍ରଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ୧୭ତାରିଖରେ ଗାନ୍ଧିନଗର ଠାରୁ ଏବିସି ବା ଆନିମଲ ବାର୍ଥ କଣ୍ଟ୍ରୋଲ ଅଭିଯାନ ଆରମ୍ଭ ହେବାକୁ ଥିବା ବେଳେ ତାହାପରେ ଯଥାକ୍ରମେ ଏମକେସିଜି ମେଡିକାଲ, ଗେଟବଜାର, ସିଟି ହସ୍ପିଟାଲ ଛକ, ରେଳଷ୍ଟେସନ, ନୂଆ ବସଷ୍ଟାଣ୍ଡ, ଗିରିରୋଡ ଓ ହିଲପାଟଣା, ଆମ୍ବପୁଆ, ଉତ୍କଳ ସିନେମାହଲ ଛକ, ରାମଲିଙ୍ଗମ ପାର୍କ ଅଞ୍ଚଳ, କୋର୍ଟ ଅଞ୍ଚଳ, ବିଜିପୁର, ଗୋଷାଣିନୂଆଗାଁ, ବଡବଜାର, ସାନବଜାର, ଗଜପତିନଗର, ଖୋଡାସିଙ୍ଗି, ଆଙ୍କୁଲି ଓ ଲାଞ୍ଜିପଲ୍ଲୀ ଆଦି ବିଭିନ୍ନ ଅଞ୍ଚଳ କ୍ରମାନ୍ୱୟରେ କରିବା ପରେ ଫେବୃଆରୀ ୨ତାରିଖରେ ଗୋଳାବନ୍ଧ ଆର୍ମି ଏଡି କଲେଜ କ୍ୟାମ୍ପସ ଅଞ୍ଚଳରେ କରାଯିବାକୁ ଆପାତତଃ ସ୍ଥିର କରାଯାଇଥିବା ଜଣାପଡିଛି। ସହରବାସୀଙ୍କ ଅଭିଯୋଗ ଓ ଦାବି ପରେ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ନେଇ ରହିଥିବା ସମସ୍ତ ନିତି ନିୟମକୁ ଅନୁଧ୍ୟାନ କରିବା ପରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା କହିଛନ୍ତି କମିସନର ପ୍ରଥମେଷ ଅରବିନ୍ଦ ରାଜେଶିର୍କେର୍।

- ବେଙ୍ଗାଲୁରୁର 'ଆଶ୍ରା' ସଂସ୍ଥା ନେଇଛି ଦାୟିତ୍ୱ, ୧୬ରେ ଡ୍ରାଏ ରନ୍, ୧୭ରେ ଆରମ୍ଭ
- ବ୍ରହ୍ମପୁରରେ ବୁଲା କୁକୁରଙ୍କ ସଂଖ୍ୟା ୫୩୪୧, ବର୍ଷକରେ ବଂଶ ନିୟନ୍ତ୍ରଣ ପାଇଁ ଲକ୍ଷ୍ୟ
- ପ୍ରତି କୁକୁରଙ୍କ ପାଇଁ ବିନିଯୋଗ ହେବ ୧୮ ଶହ ଟଙ୍କା, ସହରବାସୀ ହେବେ ଆଶ୍ୱସ୍ତ

## ୫୯ ପଦବୀ ସୃଷ୍ଟି ସହିତ କାର୍ଯ୍ୟକ୍ଷମ ହେବ ଆୟୁଷ ହସ୍ପିଟାଲ

ବ୍ରହ୍ମପୁର,୧୩।୧(ସମିସ): ସମଗ୍ର ଦକ୍ଷିଣ ଓଡ଼ିଶାର ସ୍ୱତନ୍ତ୍ର ହସ୍ପିଟାଲ ଭାବେ ବିବେଚିତ ହେବାକୁ ଥିବା ଆୟୁଷ ହସ୍ପିଟାଲ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ମିଳିଛି। ଆୟୁଷ ହସ୍ପିଟାଲ ପରିଚାଳନା ପାଇଁ ଆବଶ୍ୟକ ପଦବୀ ସୃଷ୍ଟି ନିମନ୍ତେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପ୍ରିନ୍ସିପାଲ୍ ଆକାଉଣ୍ଟାଣ୍ଟ ଜେନେରାଲ(ଏଜି)ଙ୍କୁ ଚିଠି ଲେଖି ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ଷମ ହେବାକୁ ଥିବା ଆୟୁଷ ହସ୍ପିଟାଲ ନିମନ୍ତେ ଅଧିକ୍ଷକ, ପଞ୍ଚକର୍ମ ପାଇଁ ବିଶେଷଜ୍ଞ, କସୁରସୂତ୍ର ବିଶେଷଜ୍ଞ, ହୋମିଓପାଥିକ ମେଡିକାଲ୍ ଅଫିସର, ଆୟୁର୍ବେଦିକ ଚିକିତ୍ସା ଅଧିକାରୀ, ହୋମିଓପାଥିକ୍ ମେଡିକାଲ୍ ଅଫିସର, ବରିଷ୍ଠ ନର୍ସିଂ ଅଧିକାରୀ, ନର୍ସିଂ ଅଫିସର, ଫାର୍ମାସିଷ୍ଟ, ଲାବୋରେଟୋରୀ ଟେକ୍ନିସିଆନ, ବରିଷ୍ଠ ସହାୟକ, ଜୁନିଅର ଆସିଷ୍ଟାଣ୍ଟ, ପଞ୍ଚକର୍ମ ଟେକ୍ନିସିଆନ୍, ସ୍ୱାସ୍ଥ୍ୟକର୍ମୀ ଓ ସୁରକ୍ଷାକର୍ମୀ ଆଦି ଭଳି ବିଭିନ୍ନ ବର୍ଗର ମୋଟ ୫୯ଟି ପଦବୀ ସୃଷ୍ଟି କରିବା ନିମନ୍ତେ ଚିଠିରେ ଅନୁରୋଧ କରାଯାଇଛି। ସେଥି ମଧ୍ୟରୁ ୩୩ଟି ପଦବୀ ନିୟମିତ ବା ସ୍ଥାୟୀ ରହିଥିବା ବେଳେ ବିଭିନ୍ନ ବର୍ଗର ୨୬ଟି ପଦବୀ ଆଉଟ ସୋର୍ସିଂ ମାଧ୍ୟମରେ ସୃଷ୍ଟି କରିବାକୁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଚିଠିରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ ଯେ, ଜିଲ୍ଲାର ଗୋପାଳପୁର ନିର୍ବାଚନ ମଣ୍ଡଳୀ



ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କରାପଲ୍ଲୀ ଠାରେ ପ୍ରାୟ ୧୨.୫କୋଟି ଟଙ୍କା ବ୍ୟୟରେ ୫୦ଶଯ୍ୟା ବିଶିଷ୍ଟ ଏକ ଆୟୁଷ ହସ୍ପିଟାଲ ନିର୍ମାଣ ପାଇଁ ଗତ ୨୦୧୬ମସିହାରେ ନିଷ୍ପତ୍ତି ହୋଇଥିଲା। ସେହିକ୍ରମେ ୨୦୨୧ମସିହା ମାର୍ଚ୍ଚରେ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଜାଗା ଚିହ୍ନଟ କରାଯାଇଥିଲା। ଏଥିରେ ରୋଗୀଙ୍କୁ ଆୟୁର୍ବେଦ ଚିକିତ୍ସା ସହ, ଯୋଗ ପ୍ରକ୍ରିୟାରେ ଚିକିତ୍ସା, ୟୁନାନୀ ଏବଂ ହୋମିଓପ୍ୟାଥି ଚିକିତ୍ସା ପ୍ରକ୍ରିୟାରେ ଚିକିତ୍ସାସେବା ରୋଗୀଙ୍କୁ ଉପଲବ୍ଧ ହୋଇପାରିବ। ଏହା ସହ ହସ୍ପିଟାଲ କାର୍ଯ୍ୟକ୍ଷମ ଦ୍ୱାରା ସାଧାରଣତଃ ନନ କମ୍ୟୁନିକେସନ (ଅନସିଡି) ରୋଗରେ ଆକ୍ରାନ୍ତ ରୋଗୀମାନେ ଅଧିକ ଉପକୃତ ହୋଇପାରିବେ। ଏହି ଚିକିତ୍ସା ପ୍ରକ୍ରିୟା ଦ୍ୱାରା ବହୁ ବ୍ୟକ୍ତି ଦୁଃସାଧ ବ୍ୟାଧିରୁ ମୁକ୍ତି ପାଇପାରିବେ।

## ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀଙ୍କୁ ହତ୍ୟା ଘଟଣା | ୫ ମାସ ପରେ ବି ପୁଲିସର ହାତ ଖାଲି

ବ୍ରହ୍ମପୁର,୧୩।୧(ସମିସ): ସ୍ଥାନୀୟ ବଡବଜାର ଥାନା ଅନ୍ତର୍ଗତ ହରିଡ଼ାଖଣ୍ଡି ଗୌଡ ସାହିରେ ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀ ଶିବଶଙ୍କର ମାଝୀଙ୍କୁ ହତ୍ୟା କରାଯାଇଥିଲା। ବକେୟା ଟଙ୍କା ବିବାଦକୁ ନେଇ ହତ୍ୟାକାଣ୍ଡ ହୋଇଥିବା ପୁଲିସର ପ୍ରାଥମିକ ତଦନ୍ତ ଜଣାପଡିଥିଲା। ହରିଡ଼ାଖଣ୍ଡି ଗୌଡ଼ ସାହି ନିବାସୀ ଗୌର ବେହେରା ଓରଫ ଗୌରା ମିସ୍ତ୍ରୀ ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀ ଶିବଶଙ୍କର ମାଝୀଙ୍କୁ ହତ୍ୟା କରିଥିବା ପୁଲିସ ତଦନ୍ତରେ ଜଣାପଡିଥିଲା। ଘଟଣାକୁ ଇତି ମଧ୍ୟରେ ଦିର୍ଘ ୫ମାସ ବିତି ଯାଇଥିଲେ ହିଁ ଏପର୍ଯ୍ୟନ୍ତ ପୁଲିସ ଅଭିଯୁକ୍ତ ଗୌରକୁ ଗିରଫ କରିବାରେ ବିଫଳ ରହିଛି। ଗୌର ନିଜର ମୋବାଇଲକୁ ବ୍ରହ୍ମପୁରରେ ଛାଡ଼ି ଚାଲିଯାଇଥିବା ହେତୁ ପୁଲିସ ଗୌର ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ହାସଲ କରିବାରେ ସମସ୍ୟା ହେଉଛି। ସେପଟେ ପୁଲିସ ସହରର ବିଭିନ୍ନ ଛକ, ବସଷ୍ଟାଣ୍ଡ ଓ ଷ୍ଟେସନ ଠାରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କ ଗତିବିଧି ଜାଣିପାରିଥିଲା। ଗତିବିଧି ଜାଣିବା ପରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ ହେଁ କୌଣସି ସୁଫଳ ମିଳିନଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ପାରିବାରିକ କଳହରୁ ନିଜ ପରିବାର ଠାରୁ ପୃଥକ ହୋଇ ଶିବଶଙ୍କର ମାଝୀ ସ୍ଥାନୀୟ ହରଡ଼ାଖଣ୍ଡି ଅଞ୍ଚଳରେ ରହୁଥିଲେ। ପ୍ରାୟ ୮ବର୍ଷରୁ ଉଦ୍ଧ୍ୱର୍ କାଳ ହେଲା ଶିବ ହରିଡ଼ାଖଣ୍ଡି ଗୌଡ଼ ସାହି ନିବାସୀ ଗୌର ବେହେରା ଓରଫ ଗୌର ମିସ୍ତ୍ରୀଙ୍କ ଘରେ ଭୋଗବନ୍ଧା ସୂତ୍ରରେ ରହି ଆସୁଥିଲେ। ଦିନେ ଶିବ ଶଙ୍କରଙ୍କୁ ଗୌର ଘର ଛାଡିବାକୁ କହିବା ପରେ ଏଥିପାଇଁ ଶିବ କିଛି ଦିନ ସମୟ ମାଗିଥିଲେ। କିଛିମାସ ପରେ ଶିବ ଉକ୍ତ ଘରକୁ ବିକ୍ରି କରିଦେବାକୁ ଗୌରକୁ ପ୍ରସ୍ତାବ ଦେଇଥିଲା। ତେବେ ଏଥିରେ ଗୌର ରାଜି ହୋଇନଥିଲା। ପରେ ଗୌର ଘରଭଡା ବାବଦରେ ଶିବଙ୍କୁ ମୋଟା ଅଙ୍କର ଟଙ୍କା ମାଗିଥିଲା। ଶିବ ଉକ୍ତ ଟଙ୍କା ଦେବାକୁ ରାଜି ହୋଇଥିଲେ ହେଁ ଟଙ୍କା ଦେଇନଥିଲେ। ଯାହା ଫଳରେ ଗୌର ଘର ଛାଡିବାକୁ ଶିବଙ୍କୁ କହିଆସୁଥିଲେ। ବାରମ୍ବାର ଘର ଛାଡିବାକୁ କହିବା ସତ୍ତ୍ୱେ ଶିବ ଘର ଛାଡି ନଥିଲେ କି ଟଙ୍କା ମଧ ଦେଉନଥିଲେ। ଏହି ବିବାଦକୁ ନେଇ ଶିବ ଓ ଗୌରଙ୍କ ମଧ୍ୟରେ ପୂର୍ବରୁ ଅନେକ ଥର ବଚସା ମଧ ହୋଇଥିଲା। ୨୦୨୫ମସିହା ଅଗଷ୍ଟ ୯ତାରିଖରେ ଗୌର ନିଶାଶକ୍ତ



ଅବସ୍ଥାରେ ଏକ ଖଣ୍ଡା ଧରି ଶିବଙ୍କ ଘର ନିକଟକୁ ଯାଇ ପାଟିତୁଣ୍ଡ କରିଥିଲା। ପାଟିତୁଣ୍ଡ ଯୋଗୁଁ ସ୍ଥାନୀୟ ଲୋକେ ରୁଣ୍ଡ ହେବାରୁ ଶିବ ଗୌରକୁ ଘରକୁ ଡାକି ପୂର୍ବ ବିବାଦ ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନାର କିଛି ସମୟ ପରେ ଉଭୟଙ୍କ ମଧ୍ୟରେ ହାତାହାତି ହୋଇଥିଲା। ଏବଂ ଗୌର ଉତକ୍ଷିପ୍ତ ହୋଇ ଶିବଙ୍କୁ ଖଣ୍ଡାରେ ଆକ୍ରମଣ କରି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା। ଫେରାର ହେବା ସମୟରେ ଶିବଙ୍କ ଘର ବାହାର ପଟୁ ତାଲା ପକାଇ ଗୌର ଚାଲି ଯାଇଥିଲା। ଘର ଭିତରୁ ଶିବଙ୍କ ଚିତ୍କାର ଶୁଣି ସାହି ବାସିନ୍ଦା ପରେ ପୁଲିସ ହେଲ୍ପ ଲାଇନ ନଂ ୧୧୨କୁ ଫୋନ କରି ଜଣାଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘରର ତାଲା ଭାଙ୍ଗି ଗୁରୁତର ଅବସ୍ଥାରେ ଶିବଙ୍କୁ ଉଦ୍ଧାର କରି ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତି କରିଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ଋଣ ଚିନ୍ତାରେ ଥିବା ଏସ୍‌ଏଚ୍‌ଜିଙ୍କୁ ମିଳିଲା ଆଶ୍ୱସ୍ତି

'ସକାଳ' ମହାପ୍ରଭାବ



- ବିଏମ୍‌ସି ପାଇଁ ନେଇଥିବା ୧ କୋଟି ଟଙ୍କା ପରିଶୋଧ କରି ନ ପାରି ବ୍ୟାଙ୍କରୁ ପାଇଥିଲେ ନୋଟିସ
- ଚୁକ୍ତି ମୁତାବକ ବିଏମ୍‌ସିରେ ଗାଡ଼ି ବ୍ୟବହାର ନହେବାରୁ ଫସିଥିଲେ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା
- ୪ବର୍ଷ ପରେ ବିଏମ୍‌ସି କମିସନରଙ୍କ ହସ୍ତକ୍ଷେପ ଯୋଗୁଁ ସମସ୍ୟାର ହୋଇପାରିଛି ସ୍ଥାୟୀ ସମାଧାନ

ବ୍ରହ୍ମପୁର,୧୩।୧(ସମିସ): ସରକାରୀ ଯୋଜନାରେ ଋଣ ନେଇ ଠକେଇର ଶୀକାର ହୋଇଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟଙ୍କୁ ମିଳିଛି ଆଶ୍ୱସ୍ତି। ମୁଣ୍ଡ ଉପରେ ହଜାର କିମ୍ବା ଲକ୍ଷେ ନୁହେଁ ବରଂ କୋଟିଏରୁ ଉଦ୍ଧ୍ୱର୍ ଟଙ୍କାର ଋଣ ବୋଝ ସେପୁଣି ଦୀର୍ଘ ୪ବର୍ଷ ଧରି ଗଡିଚାଲିଥିଲା। ଏଭଳି ଏକ ବିଚିତ୍ର ଘଟଣା ନଜରକୁ ଆସିଥିଲା ବ୍ରହ୍ମପୁର ମହାନଗର ନିଗମରେ। ଯାହାକୁ ନେଇ ଦୈନିକ 'ସକାଳ' ଖବର କାଗଜରେ ଗତ ଡିସେମ୍ବର ୨୯ ତାରିଖରେ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଥିଲା। ଏହାପରେ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଥିଲା। କୌଣସି ବୈଷୟିକ ତ୍ରୁଟି ଯୋଗୁଁ ସମାଧାନ କରିବାକୁ ବିଏମସି କର୍ତ୍ତୃପକ୍ଷ ଚାହୁଁଥିଲେ ହେଁ ସମାଧାନର ବାଟ ବାହାରି ପାରୁନଥିଲା। ଏନେଇ ବିଏମସି କମିସନର ପ୍ରଥମେଷ ଅରବିନ୍ଦ ରାଜେଶିର୍କେର୍ଙ୍କ ଉଦ୍ୟମ କ୍ରମେ ସ୍ୱତନ୍ତ୍ର ବୈଠକ ଡକାଯାଇ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନର ବାଟ ଫିଟିପାରିଛି। ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଋଣ ମାଧ୍ୟମରେ କ୍ରୟ କରାଯାଇଥିବା ଟ୍ରାକ୍ଟର ଓ ଡ୍ରେନ ଡିସିଲ୍ଟିଂ ୩ଟି ଗାଡିକୁ ବିଏମସିରେ ସଫେଇ କାର୍ଯ୍ୟରେ ନିୟୋଜିତ ୩ଟି ଘରୋଇ ସଂସ୍ଥା ପ୍ରତ୍ୟୁଷ, ପିଏମଆର ଓ ସଫେଇ ଅଭିଯାନକୁ ବ୍ୟବହାର କରିବାକୁ ଦିଆଯାଇଥିଲା। ସେଥିରୁ ଆସିବାକୁ ଥିବା ଆୟରୁ ଗାଡିର ଇଏମଆଇ ଦାଖଲ ପରେ ଅବଶିଷ୍ଟ ଅର୍ଥକୁ ସମ୍ପୃକ୍ତ ଏସଏଚଜି ସଦସ୍ୟାଙ୍କୁ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିଭଳି ୨ଟି ଜେଟିଂ ମେସିନ ମଧ୍ୟରୁ ଗୋଟିଏ ସିସୋ ସଂସ୍ଥା ନେଇ ସହରର ୨୦ଟି ଶୌଚାଳୟର ସଫେଇ କରିବ। ସେହିଭଳି ଅନ୍ୟଟିକୁ ଏମକେସି କ୍ଲିନ ଆଣ୍ଡ କେୟାର ଓ ଏମଜିଏସ ଏନଭିରନ ପ୍ରାଇଭେଟ ଲିମିଟେଡ କମ୍ପାନୀ ନେଇ ମର୍ଦ୍ଦରାଜ ଭେଣ୍ଡିଂ ଯୋନ, ମାଛ ବଜାର ଓ ଅଳିଆ ପରିବହନ କ୍ଷେତ୍ରରେ ବ୍ୟବହାର କରିବେ। ସେହିଭଳି ସେସପୁଲକୁ ବିଏମସି ନିଜେ ନେଇ କାର୍ଯ୍ୟରେ ଲଗାଇବାକୁ ସ୍ଥିର ହୋଇଥିଲା। ଏବଂ ସମସ୍ତ ୭ଟି ଗାଡି ସହିତ ସେଗୁଡିକର ନଥିପତ୍ରକୁ ତୁରନ୍ତ ବିଏମସିରେ ଦାଖଲ କରିବାକୁ ସମ୍ପୃକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ଋଣ ପରିଶୋଧ ନେଇ ଏସଏଚଜି ସଦସ୍ୟାଙ୍କ ମୁଣ୍ଡରେ ଥିବା ଦିର୍ଘ ବର୍ଷର ବୋଝ ହାଲୁକା ହୋଇପାରିଛି। ପ୍ରକାଶ ଯୋଗ୍ୟ ଯେ, ଜାତୀୟ ସଫେଇ କର୍ମଚାରୀ ଆର୍ଥିକ ଓ ବିକାଶ ନିଗମ (ଏନଏସକେଏଫଡିସି) ନୂଆଦିଲ୍ଲୀ, ପକ୍ଷରୁ ସ୍ୱଚ୍ଛତା ଉଦ୍ୟମୀ ଯୋଜନାରେ ବ୍ରହ୍ମପୁର ସ୍ଥିତ ଡାଇମଣ୍ଡ ଜୁବୁଲି ଟାଉନ ହଲରେ ଗତ ୨୦୨୧ମସିହା ନଭେମ୍ବର ୨୫ତାରିଖରେ ଋଣ ମେଳା ଆୟୋଜିତ ହୋଇଥିଲା। ଯେଉଁଥିରେ ପୂର୍ବରୁ ଚୟନ ହୋଇଥିବା ୧୬ଜଣ ହିତାଧିକାରୀଙ୍କୁ ଶତକଡା ୩୦ପ୍ରତିଶତ ରିହାତିରେ ବିଭିନ୍ନ ସାମଗ୍ରୀ କ୍ରୟ କରିବାର ସୁଯୋଗ ଦିଆଯାଇଥିଲା। ଏଥିରେ ବ୍ରହ୍ମପୁରର ସ୍ୱୟଂ ସହାୟିକା ଗୋଷ୍ଠୀ 'ବ୍ରହ୍ମପୁର ସ୍ୱଚ୍ଛ ବାହିନୀ'ଙ୍କୁ ଚୟନ କରାଯାଇଥିଲା। ଗୋଷ୍ଠୀର ୧୪ଜଣ ସଦସ୍ୟଙ୍କ ନାମରେ ୧କୋଟି ୨୮ ଲକ୍ଷ ୬୮ ହଜାର ୬୦୬ଟଙ୍କା ମୂଲ୍ୟର ୭ଟି ଗାଡି ବ୍ୟାଙ୍କରୁ ଋଣ ନେଇ କ୍ରୟ କରାଯାଇଥିଲା। ଏଥିରେ ସ୍ଥାନୀୟ ସାନବଜାର ସ୍ଥିତ କାନାରା ବ୍ୟାଙ୍କ ସହଯୋଗ କରିଥିବା ବେଳେ ପୁଣେର କାମ-ଆଭିଦା ଇଂଜିନିୟର ପ୍ରାଇଭେଟ ଲିମିଟେଡ କମ୍ପାନୀ ଗାଡି ଯୋଗାଇ ଦେଇଥିଲା। ଏଥିପାଇଁ ବ୍ରହ୍ମପୁର ସ୍ୱଚ୍ଛତା ବାହିନୀ ସ୍ୱୟଂ ସହାୟିକା ଗୋଷ୍ଠୀର ୧୪ଜଣ ସଦସ୍ୟ ଯଥା ସୁଜାତା ସାମଲ, ଭଗବାନ ସାମଲ, ସ୍ୱପ୍ନା ସେଠୀ, ଝୁନୁ ସେଠୀ, ଶୀବାନି ଦାସ ଓ ମିନତୀ ବିଶୋୟୀଙ୍କ ନାମରେ ୩ଟି 'ଡିସିଲ୍ଟିଂ ମେସିନ' ପ୍ରତ୍ୟେକର ମୂଲ୍ୟ ୧୮ ଲକ୍ଷ ୬୫ହଜାର ୮୩୨ଟଙ୍କା। ଗୁଲାପି ଦାସ, ଭାଗ୍ୟଶ୍ରୀ ପ୍ରଧାନ, ପିଙ୍କି ଦାସ ଏବଂ ବୁଲି ଖଟୁଆ ପ୍ରଧାନଙ୍କ ନାମରେ ୨ଟି 'ଜେଟିଂ ମେସିନ' ପ୍ରତ୍ୟେକର ମୂଲ୍ୟ ୨୦ଲକ୍ଷ ୯୩ହଜାର ୪୪୬ଟଙ୍କା। ସୁଦଷ୍ଟା ସେଠୀ ଓ ସାବିତ୍ରୀ ପାଳଙ୍କ ନାମରେ ଗୋଟିଏ 'ସକ୍ସନ ମେସିନ' ଯାହାର ମୂଲ୍ୟ ୧୫ଲକ୍ଷ ୩୨ହଜାର ୧୯୪ଟଙ୍କା ଏବଂ ସକୁନ୍ତଳା ଦାସ ଓ ଅଳକା ମହାନ୍ତିଙ୍କ ନାମରେ ଗୋଟିଏ 'ଗ୍ରାବିଂ ମେସିନ' ଯାହାର ମୂଲ୍ୟ ୧୫ଲକ୍ଷ ୫୨ହଜାର ୨୪ଟଙ୍କା ଥିବା ଜଣାପଡିଛି। ଏଭଳି ଭାବେ ଗ୍ରୁପର ମୋଟ ୧୪ଜଣ ସଦସ୍ୟଙ୍କ ନାମରେ ମୋଟ ୧କୋଟି ୨୮ ଲକ୍ଷ ୬୮ ହଜାର ୬୦୬ଟଙ୍କା ମୂଲ୍ୟର ୭ଟି ଗାଡି କ୍ରୟ କରାଯାଇଥିଲା। ଗାଡି କ୍ରୟ ବେଳେ ବିଏମସି ପକ୍ଷରୁ ତତ୍କାଳୀନ କର୍ତ୍ତୃପକ୍ଷ ୭ବର୍ଷ ପର୍ଯ୍ୟନ୍ତ ଉକ୍ତ ଗାଡିଗୁଡିକୁ ବିଏମସିରେ ସଫେଇ କାର୍ଯ୍ୟରେ ନିୟୋଜିତ କରି ମାସିକ ୧ଲକ୍ଷ ୭୫ହଜାର ୯ଶହ ଟଙ୍କା ଦେବାକୁ ଚୁକ୍ତି ହୋଇଥିଲା। ଏଥି ସହିତ ବିଏମସି ପକ୍ଷରୁ ଜଣେ ଡ୍ରାଇଭର ଓ ଜଣେ ଅପରେଟରଙ୍କୁ ନିଜସ୍ୱ ଖର୍ଚ୍ଚରେ ନିୟୋଜିତ କରିବାକୁ ମଧ ଚୁକ୍ତି ହୋଇଥିଲା। ଉକ୍ତ ଟଙ୍କାରେ ସ୍ୱୟଂ ସହାୟିକା ଗୋଷ୍ଠୀ ନିଜର ମାସିକ ଇଏମଆଇ ସହିତ ଋଣ ପରିଶୋଧ କରିବାକୁ ସ୍ଥିର ହୋଇଥିଲା। ତେବେ ଗାଡି କ୍ରୟ ହେବା ପରଠାରୁ ସେଗୁଡିକ ବିଏମସିର କୌଣସି କାର୍ଯ୍ୟରେ ବ୍ୟବହାର ନହୋଇ ଭେଇକିଲ ୟାର୍ଡରେ ରଖାଯାଇଥିଲା। ତେବେ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟଙ୍କ ନାମରେ ବ୍ୟକ୍ତିଗତ ଋଣରେ ଆସିଥିବା ଗାଡିଗୁଡିକ ବ୍ୟବହାର ନହେବାରୁ ସେହି ବାବଦରେ ଚୁକ୍ତି ମୁତାବକ ବିଏମସି ପକ୍ଷରୁ ମଧ କୌଣସି ଅର୍ଥ ପ୍ରଦାନ କରାଯାଇନଥିଲା। ସେପଟେ ବିଏମସିର ଭେଇକିଲ ୟାର୍ଡରେ ଥିବା ଗାଡିଗୁଡିକୁ ଋଣ ପ୍ରଦାନ କରିଥିବା କାନାରା ବ୍ୟାଙ୍କ ପକ୍ଷେ ମଧ ସେଗୁଡିକୁ ଜବତ କରିବା ସମ୍ଭବପର ହୋଇନଥିଲା। ଫଳରେ ବିଏମସିର ଭେଇକିଲ ୟାର୍ଡରେ ଦିର୍ଘ ବର୍ଷ ଧରି ସମସ୍ତ ୭ଟି ଗାଡି ବ୍ୟବହାର ନହୋଇ ପଡି ରହିଥିଲା। ଏବଂ ବ୍ରହ୍ମପୁର ସ୍ୱଚ୍ଛତା ବାହିନୀ ସ୍ୱୟଂ ସହାୟିକା ଗୋଷ୍ଠୀର ୧୪ଜଣ ସଦସ୍ୟଙ୍କ ଉପରେ ଋଣ ବୋଝ ବଢିବାରେ ଲାଗିଥିଲା। ମୂଳ ସହିତ ସୁଧ ମିଶି ଉକ୍ତ ଋଣ ଅର୍ଥ ବହୁ ଅଧିକ ହୋଇ ଋଣ ନେଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ଉଭୟ ବ୍ୟାଙ୍କ ଓ କୋର୍ଟରୁ ବାରମ୍ବାର ନୋଟିସ ଆସିବା ଯୋଗୁଁ ଚିନ୍ତାରେ ପଡିଥିଲେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସମସ୍ତ ୧୪ଜଣ ସଦସ୍ୟା। ଋଣ ନେଇ ଗାଡି କ୍ରୟ ସମୟରେ ଅଥବା ପରେ ବିଏମସି, କାନାରା ବ୍ୟାଙ୍କ ଓ ଏସଏଚଜି ଗ୍ରୁପ ମଧ୍ୟରେ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷର ଜରୁରୀ ଥିଲା। ଯାହା କୌଣସି କାରଣ ବସତଃ ହୋଇନଥିବାରୁ ବିଏମସି କର୍ତ୍ତପକ୍ଷ ନିଜ ଆଡୁ ସମସ୍ୟାର ସମାଧାନ କରିବାରେ ସମସ୍ୟା ସୃଷ୍ଟି ହୋଇଥିଲା। ବିଳମ୍ବରେ ହେଲେ ମଧ ବିଏମସି କମିସନରଙ୍କ ଉଦ୍ୟମ ପରେ ଏହି ସମସ୍ୟାର ସମାଧାନ ହୋଉଇପାରିଛି। ଯାହାକୁ ନେଇ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ବିଏମସି କମିସନରଙ୍କ ସମେତ ସକାଳ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।



ସକାଳ THE SAKALA



# ଟିକାବାଲି ବ୍ଲକ୍‌ରେ ଭୁଶୁଡ଼ିଯିବ କି ଶିକ୍ଷା ବ୍ୟବସ୍ଥା

## ଏକାଥରେ ଅବସର ନେବେ ୧୩ ଶିକ୍ଷକ

## ନୂତନ ନିଯୁକ୍ତି ନହେଲେ ଅଚଳାବସ୍ଥା



**ଟିକାବାଲି,୧୩।୧(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଥିବା ଅଭିଯୋଗ ହେଉଛି। ସରକାର ଶିକ୍ଷାର ବିକାଶ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ବେଳେ ଟିକାବାଲି ବ୍ଲକର ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ସରକାରୀ ମାନଦଣ୍ଡ ଅନୁସାରେ ବିଦ୍ୟାଳୟ ଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଗୁରୁତର ବ୍ୟାହତ ହେଉଥିବା ବେଳେ ଆଗାମୀ ଦିନରେ ଏହା ଏକ ଭୟଙ୍କର ରୂପ ନେବ ବୋଲି କହାଯାଉଛି। ଟିକାବାଲି ବ୍ଲକରେ ମୋଟ ୭୮ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ୧୦ରୁ ଊର୍ଦ୍ଧ୍ୱ ଉଚ୍ଚ ବିଦ୍ୟାଳୟକୁ ମିଶାଇ ପାଖାପାଖି ୯୦ ବିଦ୍ୟାଳୟ ରହିଛି। ସରକାରଙ୍କ ଶିକ୍ଷକ-ଛାତ୍ର ଅନୁପାତ (ରେସିଓ) ଅନୁଯାୟୀ, ବର୍ତ୍ତମାନ ଏହି ବ୍ଲକରେ ଅତି କମରେ ୨୯ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ହେଲେ ଶିକ୍ଷକ ଅଭାବ ଲାଗି ରହିଛି। ଅନେକ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କ ଭରସାରେ ଏକାଧିକ ଶ୍ରେଣୀ ଚାଲୁଥିବା ବେଳେ ପାଠପଢ଼ାର ମାନ ନିମ୍ନଗାମୀ ହେବାରେ ଲାଗିଛି। ଏଥିଯୋଗୁଁ ଗରିବ ଆଦିବାସୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବେ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଛି। ପରିସ୍ଥିତି ସେତିକିରେ ସରିନାହିଁ, ଚଳିତ ଶିକ୍ଷା ବର୍ଷ ଶେଷ ହେବା ମାତ୍ରେ ଟିକାବାଲି ବ୍ଲକରୁ ପର୍ଯ୍ୟାୟ କ୍ରମେ ୧୩ ଜଣ ଅଭିଜ୍ଞ ଶିକ୍ଷକ ଅବସର ଗ୍ରହଣ କରିବାକୁ ଯାଉଛନ୍ତି। ଏହି ଅବସର ପରେ ଶିକ୍ଷକ ଶୂନ୍ୟସ୍ଥାନ ସଂଖ୍ୟା ଆହୁରି ବଢ଼ିବା ସହ ଶିକ୍ଷା ବ୍ୟବସ୍ଥାରେ ଏକ ବଡ଼ ଧରଣର ଅଚଳାବସ୍ଥା ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ଯଦି ତୁରନ୍ତ ନୂତନ ନିଯୁକ୍ତି ଦିଆନଯାଏ, ତେବେ ଆଗାମୀ ଶିକ୍ଷା ବର୍ଷରେ ସ୍କୁଲ ଗୁଡ଼ିକ କିଭଳି ଚାଲିବ, ସେନେଇ ଅଭିଭାବକ ମହଲରେ ଚିନ୍ତା ପ୍ରକାଶ ପାଇଛି। ବ୍ଲକରେ ସୃଷ୍ଟି ହୋଇଥିବା ଏହି ସଙ୍କଟ ସମ୍ପର୍କରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପି.କେ. ନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ଶିକ୍ଷକ ଅଭାବ ସମ୍ପର୍କିତ ସମସ୍ତ ତଥ୍ୟ ଏବଂ ଆଗାମୀ ଦିନର ସମସ୍ୟା ବିଷୟରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ସରକାରଙ୍କ ପକ୍ଷରୁ ନୂତନ ନିଯୁକ୍ତି କିମ୍ବା ବିକଳ୍ପ ବ୍ୟବସ୍ଥା କରାଗଲେ ହିଁ ସ୍ଥିତି ସୁଧୁରିବ ବୋଲି ସେ ପ୍ରକାଶ କରିଛନ୍ତି। ସରକାରଙ୍କ ୫-ଟି ଏବଂ ସ୍କୁଲ ରୂପାନ୍ତରଣ ଯୋଜନାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକ ମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, "ସରକାର ସ୍କୁଲର ଭିତ୍ତିଭୂମି ସଜାଡ଼ିବାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, କିନ୍ତୁ ପଢ଼ାଇବା ପାଇଁ ଶିକ୍ଷକ ନାହାନ୍ତି। ଶିକ୍ଷକ ନଥିଲେ ପିଲାଙ୍କ ଭବିଷ୍ୟତ କ'ଣ ହେବ?' ଯଦି ଶୀଘ୍ର ଶିକ୍ଷକ ନିଯୁକ୍ତି ନହୁଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବା ସହ ସ୍କୁଲ ଗୁଡିକରେ ତାଲା ପକାଇବାକୁ ଚେତାବନୀ ଦେଇଛନ୍ତି।

# ଦୁଷ୍କର୍ମ ଉଦ୍ୟମ, ଯୁବକ ଗିରଫ

**ପାରଳାଖେମୁଣ୍ଡି,୧୩।୧(ସମିସ):** ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରରେ ଏକ ଲଜ୍ୟାଜନକ ଘଟଣା ଘଟିଛି। ଜଣେ ଦଶ ବର୍ଷୀୟ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରି ଜଣେ ୩୫ ବର୍ଷୀୟ ଯୁବକ ଗିରଫ ହୋଇଛି। ସହରର ଜଙ୍ଗମ ସାହିରେ ଏପରି ଘଟଣା ଘଟିଛି। ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ ସୂତ୍ରରୁ ପ୍ରକାଶ ଯେ, ସୋମବାର ଦିନ ନାବାଳିକାଙ୍କ ବାପା ମା କାମକୁ ଯାଇଥିଲେ। ଏହି ସମୟରେ ଝିଅ ଏକୁଟିଆ ରହି ଘରେ ଖେଳୁଥିଲା । ସେହି ସମୟରେ ପାଇଲୁ ରବି ନାମକ ଜଣେ ଯୁବକ ଘରେ ପଶି ଝିଅକୁ ଦୁଷ୍କର୍ମ ଉଦ୍ୟମ କରିଥିଲା। ପୀଡିତା ଯୁବକ କବଳରୁ କୌଣସି ମତେ ଖସି ଆସିଥିଲା। ବାଳିକାର ଚିତ୍କାର ଶୁଣି ପଡ଼ୋଶୀ ଏକାଠି ହୋଇ ଅଭିଯୁକ୍ତକୁ ଘର ଭିତରେ ହିଁ ଅଟକାଇ ଧରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଯୁବକକୁ ଗିରଫ କରିଥିଲା। ଉଭୟଙ୍କୁ ଡାକ୍ତର ମଇନା କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବାର ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି ସୁଚନା ଦେଇଛନ୍ତି।

# ଗଜପତିର ୩ ପୁଲିସ ପଦାଧିକାରୀଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକ ପଦକ



**ପାରଳାଖେମୁଣ୍ଡି,୧୩।୧(ସମିସ):** ପୁଲିସ ବାହିନୀରେ ନିଷ୍ଠାପର ସେବା, କାର୍ଯ୍ୟଦକ୍ଷତା ପାଇଁ ରାଜ୍ୟର ୪୬ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ପଦକ ମିଳିଛି। ଏଥିରେ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଏବଂ ସବ୍ ଇନ୍ସପେକ୍ଟର ମଧ୍ୟ ଆରକ୍ଷୀ ମହାନିର୍ଦ୍ଦେଶକଙ୍କୁ ପଦକ ମିଳିଛି। ସୋମବାର ଦିନ କଟକ ସ୍ଥିତ ଆର୍. କେ. ପାଢ଼ୀ ମେମୋରିଆଲ୍ ହଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସଫଳ ଅଧିକାରୀଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରିଥିଲେ। ଗଜପତିରେ ଡିଜିପି ପଦକ ପାଇଥିବା ଅଧିକାରୀମାନେ ହେଲେ ଗଜପତି ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ ଓ ଚନ୍ଦ୍ରଗିରି ଫାଣ୍ଡି ଅଧିକାରୀ ସବ୍ ଇନ୍ସପେକ୍ଟର ସୁନୀଲ କୁମାର ସେଠୀ। ଗଜପତିର ୩ ପୁଲିସ ପଦାଧିକାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଏହି ପୁରସ୍କାର ମିଳିଥିବାକୁ ନେଇ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ମୃତଦେହ ଫେରାଇ ଆଣିବାକୁ ୨୦ ହଜାର ଟଙ୍କା ମଞ୍ଜୁର କଲେ ଜିଲ୍ଲାପାଳ

**ପାରଳାଖେମୁଣ୍ଡି,୧୩।୧ (ସମିସ):** ବାହାର ରାଜ୍ୟରେ କାର୍ଯ୍ୟରତ ଥିବା ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହ ଗ୍ରାମକୁ ଫେରାଇ ଆଣିବାରେ ଅସମର୍ଥ ପରିବାରକୁ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ସହାୟତାର ହାତ ବଢ଼ାଇଛନ୍ତି। ସୂଚନା ଅନୁଯାୟୀ ସେରଙ୍ଗ ଗ୍ରାମ ନବରଙ୍ଗ ସାହିର ଦିଗବିଜୟ ଲିମ୍ମା (୩୨) ପରିବାର ପୋଷଣ ପାଇଁ ତାମିଲନାଡୁର ମୁଦୁରାଇ ଅଞ୍ଚଳର ଏକ ଘରୋଇ କମ୍ପାନୀରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ହଠାତ୍ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିବାବେଳେ ତାଙ୍କ ମୃତ୍ୟୁ ଘଟିଥିବା ଖବର ପରିବାରକୁ ମିଳିଥିଲା। ମୃତଦେହ ଫେରାଇ ଆଣିବାକୁ ପରିବାର ପାଖରେ ଆର୍ଥିକ ସମ୍ବଳ ନଥିଲା। ଘଟଣା ସମ୍ପର୍କରେ ସଂଖ୍ୟାଲଘୁ ନେତା ଡ. ପଲ୍ଲଭ କୁମାର ଲିମ୍ମାଙ୍କ ସହ ପରିବାର ସଦସ୍ୟ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଘଟଣାର ଗମ୍ଭୀରତା ବୁଝି ଜିଲ୍ଲାପାଳ ମୃତଦେହ ଫେରାଇ ଆଣିବା ଖର୍ଚ୍ଚ ବାବଦକୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ତୁରନ୍ତ ମଞ୍ଜୁର କରିବା ସହ ପରିବାରକୁ ସମସ୍ତ ଯୋଗ୍ୟ ସରକାରୀ ଯୋଜନାରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୃତକଙ୍କ ପରିବାର କହିଲେ ବିଧବା ମା, ବିଧବା ପତ୍ନୀ ଓ ୪ ବର୍ଷ ଓ ୬ ମାସ ବୟସର ଦୁଇଜଣ ସନ୍ତାନ ଥିବା ଜଣାପଡ଼ିଛି।

# ପାଠପଢ଼ା ଛାଡ଼ିଥିବା ୬ ପିଲାଙ୍କ ପୁଣି ନାମଲେଖା

**ଟିକାବାଲି,୧୩।୧(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଏସଆଇଓଏସ ଏବଂ ଏନଆଇଓଏସ ମେଗା ଆଡମିଶନ ଶିବିର ଅନୁଷ୍ଠିତ ହୋଇଥିଲା। ଶିକ୍ଷାର ମୂଳସ୍ରୋତରୁ ବିଚ୍ୟୁତ ହୋଇଥିବା ପିଲାଙ୍କୁ ପୁଣି ଥରେ ପାଠପଢ଼ା ସହ ଯୋଡ଼ିବା ପାଇଁ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି।ଏହି ଶିବିରରେ ମୁଖ୍ୟତଃ ପାଠପଢ଼ା ଅଧାରୁ ଛାଡ଼ିଥିବା ( ଡ୍ରପଆଉଟ) ୬ ଜଣ ପିଲା ପୁଣି ଥରେ ଶିକ୍ଷା ଗ୍ରହଣ କରିବା ପାଇଁ ନାମ ଲେଖାଇଛନ୍ତି। ସ୍ଥାନୀୟ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ନାୟକ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ପିଲାମାନଙ୍କୁ ଶିକ୍ଷାର ଗୁରୁତ୍ୱ ବିଷୟରେ ବୁଝାଇବା ସହ ସେମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ, ଟିକାବାଲିର ପ୍ରଧାନ ଶିକ୍ଷକ ତଥା କାର୍ଯ୍ୟକ୍ରମର ସଂଯୋଜକ କାମରାଜ କହଁର ପରିଚାଳନା କରିଥିଲେ। ସହସଂଯୋଜିକା ସୁନୀତା କୁମାରୀ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନାମଲେଖା ପ୍ରକ୍ରିୟା ସମାପ୍ତ ହୋଇଥିଲା।

# ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦଘାଟିତ

**ମୋହନା,୧୩।୧(ସମିସ):** ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଯୁବ ଦିବସ ଅବସରରେ ମୋହନା ସ୍ଥିତ ହିଲ ଟପ ସ୍ନାତକ ମହାବିଦ୍ୟାଳୟ ପରିସରରେ ୭ଦିନ ଧରି ହେବାକୁ ଥିବା ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦଘାଟିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶୁଭ୍ରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହିଲଟପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଭଗବାନ ବିଷୋୟୀ, ମୁଖ୍ୟବକ୍ତା ଏସ.ରମେଶ, ସମ୍ମାନୀତ ଅତିଥି ଡ. ମନୋରଞ୍ଜନ ପାଣିଗ୍ରାହୀ ଯୋଗ ଦେଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ୭ଦିନ ଧରି ହେବାକୁ ଥିବା ଏହି ଶିବିରର ଲକ୍ଷ୍ୟ,ଉଦ୍ଦେଶ୍ୟ ଓ କାରଣ ସମ୍ପର୍କରେ ସ୍ୱେଚ୍ଛାସେବୀଙ୍କୁ ଅବଗତ କରାଇଥିଲେ। ଏହି ଶିବିରରେ ୫୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇ ସ୍ୱଚ୍ଛ ଭାରତ, ନାରୀ ସଚେତନତା, ବାଲ୍ୟ ବିବାହ, ଦୁର୍ନୀତି, ସାଇବର ଠକେଇ ଆଦି ସଚେତନତା ମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ଅଞ୍ଚଳର ଲୋକଙ୍କୁ ସଚେତନ କରାଇବେ। ମହାବିଦ୍ୟାଳୟର ଅଧ୍ୟାପିକା ତଥା ଜାତୀୟ ସେବା ଯୋଜନାର ଅଧିକାରିଣୀ ରୀତା ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଟିକାବାଲି ଏଏମ୍‌ସିଏସ୍ କଲେଜରେ ଏନ୍‌ଏସ୍‌ଏସ୍ ଶିବିର

**ଟିକାବାଲି,୧୩।୧(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ସ୍ଥିତ ଏଏମସିଏସ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା (ଏନଏସଏସ) ପକ୍ଷରୁ ଆୟୋଜିତ ସାତଦିନିଆ ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଉଦଯାପିତ




ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ସ୍ୱେଚ୍ଛାସେବୀମାନଙ୍କୁ ସମାଜସେବା ପାଇଁ ଉତ୍ସାହିତ କରିଥିଲେ। ଉଦଯାପନୀ ଉତ୍ସବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ତପନ କୁମାର ବାରିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଗଞ୍ଜାମ ଜିଲ୍ଲା ଏନଏସଏସର ପ୍ରାକ୍ତନ ସଂଯୋଜକ ପ୍ରଫେସର ଡ.ସତୀଶ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀଙ୍କ ଭିତରେ ଯଦି ଶୃଙ୍ଖଳା, ସେବା ମନୋଭାବ ଓ ମଣିଷ ପଣିଆର ଅଭାବ ରହେ, ତେବେ ସମାଜରେ ପରିବର୍ତ୍ତନ ଆସିବା ଅସମ୍ଭବ। ତେଣୁ ପ୍ରତ୍ୟେକ ସ୍ୱେଚ୍ଛାସେବୀ ନିଜ ଭିତରେ ଏହି ଗୁଣଗୁଡ଼ିକ ବିକଶିତ କରିବା ଆବଶ୍ୟକ ବୋଲି ମୁଖ୍ୟବକ୍ତା କହିଥିଲେ। ସେବା ଓ ଶୃଙ୍ଖଳା ହିଁ ସମାଜ ପରିବର୍ତ୍ତନର ମାଧ୍ୟମ ବୋଲି ସେ କହିଥିଲେ। ଶିବିର ଅବସରରେ ସ୍ୱେଚ୍ଛାସେବୀ ପୋଷ୍ୟ ଗ୍ରାମ ଡୁଙ୍ଗି ଓ ତେନ୍ତୁଳିଗଡ ପରିଦର୍ଶନ କରି ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ସର୍ଭେ କରିଥିଲେ। ଏଥିସହିତ ଶିବିରରେ ବକ୍ତୃତା, ପ୍ରବନ୍ଧ, ନୃତ୍ୟ, ସଙ୍ଗୀତ, ମେହେନ୍ଦି ଓ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରତିଭା ମଞ୍ଜରୀ ପ୍ରଧାନ ଓ ଆର୍ଯ୍ୟଦେବ ପ୍ରଧାନଙ୍କୁ ଚଳିତ ବର୍ଷର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସମ୍ମାନିତ କରାଯାଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନଏସଏସ ସଂଯୋଜକ ପ୍ରଫେସର ଡ. ଜୟନ୍ତ କୁମାର ପଣ୍ଡା ଏବଂ କନ୍ଧମାଳ ଜିଲ୍ଲା ସଂଯୋଜକ ଡ.ନଳିନୀ କୁମାର ପାଣିଗ୍ରାହୀ ଶିବିର ପରିଦର୍ଶନ କରି ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ପ୍ରୋଗ୍ରାମ ଅଫିସର ଚମ୍ପା ସୋରେନ ଓ ଜ୍ଞାନ ରଞ୍ଜନ ଭୋଇ ଶିବିର ପରିଚାଳନା କରିଥିବା ବେଳେ ଶେଷରେ ଏକ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନୂତନ ଜିଲ୍ଲାପାଳଙ୍କୁ ଭେଟି ସାକ୍ଷାତ ଆଲୋଚନା କଲେ ବିଧାୟକ



**ପାରଳାଖେମୁଣ୍ଡି,୧୩।୧(ସମିସ):** ଗଜପତି ଜିଲ୍ଲାର ନୂତନ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଭେଟି ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। ବିଶେଷକରି ସେ ପାରଳାଖେମୁଣ୍ଡିର ପ୍ରସ୍ତାବିତ ବାଇପାସ୍ ରାସ୍ତାକୁ ଶୀଘ୍ର ଆରମ୍ଭ କରିବା ପାଇଁ ଏବଂ ତୁରନ୍ତ ରାସ୍ତା ହେଲେ ଜିଲ୍ଲାବାସୀ କିଭଳି ବିଭିନ୍ନ କ୍ଷେତ୍ରରେ ଉପକୃତ ହେବେ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ବାଇପାସ୍ ରାସ୍ତା ତୁରନ୍ତ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇ କାର୍ଯ୍ୟକ୍ଷମ ହେଲେ ଏହା ପାରଳା ସହରର ଟ୍ରାଫିକ୍ ଜାମ୍ ଦୂର କରିବାରେ ବେଶ ସହାୟକ ହୋଇପାରିବ ବୋଲି କହିଥିଲେ। ଏହା ବ୍ୟତୀତ ଚାଷୀମାନଙ୍କ କିଛି ଗୁରୁତର ସମସ୍ୟାକୁ ନେଇ ଆଲୋଚନା ମଧ୍ୟ କରିଥିଲେ। ଜିଲ୍ଲାରେ ଧାନମଣ୍ଡି ଖୋଲିଥିଲେ ମଧ୍ୟ ଏବେ ଯାଏଁ ଧାନ କ୍ରୟ କରାଯାଉନଥିବା, ଧାନର ଉଚିତ୍ ପ୍ରାପ୍ୟ ମିଳିବା, ଛୋଟ ଏବଂ ନାମମାତ୍ର ଚାଷୀଙ୍କୁ ପ୍ରାଧାନ୍ୟ ଦେବା ପାଇଁ ଆଲୋଚନା ହୋଇଥିଲା । ଜିଲ୍ଲାପାଳ ଓ ବିଧାୟକଙ୍କ ଏହି ଆଲୋଚନା ବେଳେ ଅନ୍ୟମାନଙ୍କ ମଧ୍ୟରେ ଗୋଷାଣି ବ୍ଲକ୍ ଅଧ୍ୟକ୍ଷ ଏନ. ବୀରରାଜୁ, କାଶୀନଗରର ବ୍ଲକ ଅଧ୍ୟକ୍ଷା ବାଲା ସାୟାମ୍ମା ଏବଂ ଜିଲ୍ଲା ପରିଷଦ ସଦସ୍ୟ ଏସ.ବାଲରାଜୁ ଉପସ୍ଥିତ ଥିଲେ ।

# ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନରେ ନାମଲେଖା




**ପାରଳାଖେମୁଣ୍ଡି,୧୩।୧(ସମିସ):** ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ୨୦୨୫ ନାମଲେଖା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ସଂଯୋଜକ ମୋନାଲିସା ଦାଶ, ଅତିରିକ୍ତ ଜିଲ୍ଲା ଶିକ୍ଷା ଏସ୍. ଗିରିଧର, ଗୋଷାଣି ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିଲାପୁ ବିମଳ, ସହସଂଯୋଜକ ଦିବ୍ୟଶ୍ରୁତି ସିଂହ ଓ ଅନ୍ୟାନ୍ୟ ଅତିଥି ବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ପାଠ ଅଧାରୁ ପାଠ ଛାଡିଥିବା ୧୫ ରୁ ୨୦ ଜଣ ଛାତ୍ରଛାତ୍ରୀ ନାମ ଲେଖା ପଞ୍ଜୀକରଣ ନିମନ୍ତେ ମେଗା ଓରିଏଣ୍ଟେସନ୍ ଶିବିରରେ ଯୋଗ ଦେଇଥିଲେ । ପ୍ରଥମେ ସହ ସଂଯୋଜକ ଦିବ୍ୟଶ୍ରୁତି ସିଂହ ମେଗା ଶିବିରର ଆଭିମୁଖ୍ୟ ସ୍ପଷ୍ଟ କରିଥିବା ସ୍ଥଳେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଗିରିଧର ଅଧିକରୁ ଅଧିକ ଛାତ୍ର ଆଗାମୀ ଦିନରେ ଏସ୍‌ଆଇଓଏସ୍ ଓ ଏନ୍‌ଆଇଓସ୍‌ରେ ନାମ ପଞ୍ଜୀକରଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତା ରୂପେ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଏକାଗ୍ରତା ଓ ଆତ୍ମ ବିଶ୍ୱାସର ସହ ପଢ଼ି ଉତ୍ତୀର୍ଣ୍ଣ ହେବା ପାଇଁ ମାର୍ଗ ଦର୍ଶନ କରାଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ମୋନାଲିସା ଦାଶ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପାଇଁ ନିର୍ଦ୍ଦିଷ୍ଟ ବୟସ ସୀମା ନଥାଏ ଓ ପ୍ରୟାସ ଫଳରେ ସମସ୍ତ କାର୍ଯ୍ୟ ସଫଳତା ଦେଇଥାଏ ବୋଲି କହିଥିଲେ। ଗୋଷାଣି ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଏନ୍. ବିମଳ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଡି. ଶ୍ରୀରାମ ମୂର୍ତ୍ତି, ସିଆରସିସି ଏମ୍ ଉମାପତି, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ୍ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଓ ଅଧ୍ୟବସାୟ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନୂତନ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜଗନ୍ନାଥ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଶିକ୍ଷୟିତ୍ରୀ ସସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱଚ୍ଛ ଏବଂ ହରିତ୍ ରେଟିଂ ପୁରସ୍କାର ପାଇଁ ଜାତୀୟସ୍ତରକୁ ମନୋନୀତ

**ଜି.ଉଦୟଗିରି,୧୩।୧(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓଡ଼ିଶାରେ ଏକ ମାତ୍ର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଜାତୀୟ ସ୍ତରରେ ସ୍ୱଚ୍ଛ ଏବଂ ହରିତ୍ ରେଟିଂ ପୁରସ୍କାର ପାଇଁ ରାଜ୍ୟ ଚୟନ କମିଟି ଦ୍ୱାରା ମନୋନୀତ ହୋଇଛି। ସୂଚନା ଅନୁସାରେ ଗତ ବର୍ଷ ରାଜ୍ୟର ୨୩୮ ବିଦ୍ୟାଳୟକୁ ରାଜ୍ୟ ଚୟନ କମିଟି ଦ୍ୱାରା ସ୍ୱଚ୍ଛତା, ପରିବେଶ ସୁରକ୍ଷା, ହରିତ୍ ପ୍ରକଳ୍ପ, ପାନୀୟଜଳ ବ୍ୟବସ୍ଥା, ଶୌଚାଳୟ ପରିଷ୍କାର ଓ ପରିଚାଳନା ସହ ଉତ୍ତମ ପରିବେଶ ଆଧାରରେ ସବିଶେଷ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ପରେ ୨୦ ବିଦ୍ୟାଳୟକୁ ଚୟନ କରାଯାଇଥିଲା ସେଥିମଧ୍ୟରୁ ଉକ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଉଲ୍ଲେଖନୀୟ ସଫଳତା ହାସଲ କରି ୯୪.୯୬ ପଏଣ୍ଟ ସହ ୫ ଷ୍ଟାର୍ ରେଟିଂ ପାଇ ଜାତୀୟ ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମିହିର କାନ୍ତ ପ୍ରଧାନ ସୂଚନା ଦେବା ସହ ଶୁଭେଚ୍ଛା ଜଣାଇଛନ୍ତି। ଏହି ସଫଳତା ପାଇବା ପରେ ଅନୁଷ୍ଠାନର ପ୍ରତିଷ୍ଠାତା ଶିଶିର ପଟ୍ଟନାୟକ,ପ୍ରତିଷ୍ଠାତା ସମ୍ପାଦକ କେ.ସୂର୍ଯ୍ୟନାରାୟଣ ପାତ୍ର ଛାତ୍ରୀଙ୍କ ସମେତ ଉଚ୍ଚମାଧ୍ୟମିକ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ଦାରିଙ୍ଗବାଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ




**ଦାରିଙ୍ଗବାଡ଼ି,୧୩।୨(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଅନୁସୂଚିତ ଜାତି ଓ ଜନ ଜାତି ବିଭାଗ ଦାରିଙ୍ଗବାଡ଼ି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଅଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ତହସିଲଦାର ଧୀରଜ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ଉଲିପଦର ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମଦନମୋହନ ବେହେରା, ସମ୍ମାନିତ ଅତିଥି ଭାବେ ଦାରିଙ୍ଗବାଡ଼ି ଅନୁସୂଚିତ ଜାତି ଓ ଜନ ଜାତି ବିଭାଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ସୋନାଲିତା ପୃଷ୍ଟି, ନାରୀ ନେତ୍ରୀ ବିଳାସିନୀ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ ପ୍ରଧାନ, ବରିଷ୍ଠ ଶିକ୍ଷକ ନରେନ୍ଦ୍ର ବେହେରା, ଦାରିଙ୍ଗବାଡି ଥାନା ଏସ.ଆଇ. ବାସନ୍ତି ବେହେରା ଯୋଗ ଦେଇ ଛାତ୍ରୀମାନଙ୍କୁ ବକ୍ତବ୍ୟରେ ଉତ୍ସାହିତ କରିଥିଲେ । ପ୍ରଧାନ ଶିକ୍ଷକ ବିବରଣୀ ପଠନ କରିବା ସହ ଛାତ୍ରୀଙ୍କ ପାଇଁ ରହିଥିବା ବିଭିନ୍ନ ସୁବିଧା ସମ୍ପର୍କରେ ସୂଚନା ରଖିଥିଲେ ।ଏହି ଅବସରେ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିବା ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଗ୍ରାସିୟସ ଦାସ ସଂଯୋଜନା କରିଥିଲା ବେଳେ ଅନ୍ୟ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଛାତ୍ରୀ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ।

# ଦଡ଼ଙ୍ଗାଏଜୁ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ

**ଜି.ଉଦୟଗିରି,୧୩।୧(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ ଡଙ୍ଗାଏଜୁ ଆଶ୍ରମ ସ୍କୁଲ ପରିସରରେ ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜଳି ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଟିକାବାଲି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ, ମୁଖ୍ୟବକ୍ତା ଡା. ସତ୍ୟନାରାୟଣ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିରେ ସମ୍ମାନିତ ଅତିଥିଙ୍କ ଭାବେ ଗଦଗୁଡା ସରପଞ୍ଚ ପୁଷ୍ପଲତା ପ୍ରଧାନ ଓ ଜି.ଉଦୟଗିରିର ସମାଜ ସେବୀ ଶ୍ରୁତି ପଟ୍ଟନାୟକ ଯୋଗ ଦେଇଥିଲେ। ପୂର୍ବ ପ୍ରଧାନଶିକ୍ଷକ ଜମ୍ବେଶ୍ୱର ପ୍ରଧାନ ବିବରଣୀ ପାଠ କରିଥିଲେ। ଡବ୍ଲୁଇଓ ଆଶିଷ ଅଂଶୁମାନ ପାତ୍ର, ପୂର୍ବ ଶିକ୍ଷକ ଅଂଶୁମାନ ଭୋଇ ମଞ୍ଚାସୀନ ଥିଲେ। ଶିକ୍ଷକ ପ୍ରବେଶ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ

# ବର୍ଷା ପାଣିକୁ ଚାଷୀ ସାଇତି ରଖିବା ଉପରେ ଗୁରୁତ୍ୱାରୋପ




**ପାରଳାଖେମୁଣ୍ଡି,୧୩।୧(ସମିସ):** ଜଳ ସମ୍ପଦ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଆଜି ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ନୋଡାଲ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ବଂଶଧାରା ନାଗାବଳୀ ଅବବାହିକା ଏ.ରାମ ପ୍ରସାଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୁନୀନ୍ଦ୍ର ହୋନନାଗା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏମ. ପ୍ରକାଶ ରାଓ, କାଶୀନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ବାଲା ସାୟାମା, ଗୋଷାଣି ପଞ୍ଚାୟତ ସମିତି ଅଧ୍ୟକ୍ଷ ଏନ.ବୀରରାଜୁ ଓ ଗୋଷାଣି ଜିଲ୍ଲାପରିଷଦ ସଭ୍ୟ ଏସ.ବାଲାରାଜୁ ମଞ୍ଚାସୀନ ଥିଲେ। ଉକ୍ତ ଉତ୍ସବରେ ପାଣି ପଞ୍ଚାୟତର ଭୂମିକା ଓ ଏହାର ସୁପରିଚାଳନ ନିମନ୍ତେ ବିଭିନ୍ନ ପରାମର୍ଶ ଉପସ୍ଥିତ ଥିବା ବିଭିନ୍ନ ପାଣି ପଞ୍ଚାୟତର କୃଷକଙ୍କୁ ପ୍ରଦାନ କରିଥିଲେ। ସେହିପରି ଜିଲ୍ଲାର ସମସ୍ତ ଚାଷୀ ବର୍ଷା ପାଣିକୁ ସାଇତି ରଖିବା ଆବଶ୍ୟକ ଏବଂ କୃଷିର ବିକାଶ ନିମନ୍ତେ ସଚେତନତା କରାଯାଇଛି। ଗଜପତି ଜିଲ୍ଲାରେ କ୍ଷୁଦ୍ର ଜଳସେଚନ ଅଧୀନରେ ୧୪୮ ପ୍ରକଳ୍ପ ରହିଥିବା ବେଳେ ଉଠା ଜଳସେଚନ ଅଧୀନରେ ଥିବା ୪୬୫ ପାଣି ପଞ୍ଚାୟତର କାର୍ଯ୍ୟକରୀ ହେଉଛି । ପାଣିପଞ୍ଚାୟତର ତୃଣମୂଳ ସ୍ତରରୁ ଜଳ ପରିଚାଳନା କରିବା ସମସ୍ତ ଚାଷୀ ସମାନତା ପ୍ରଦାନକୁ ସୁନିଶ୍ଚିତ କରିବାକୁ ପ୍ରତି ବର୍ଷ ଏହି ପକ୍ଷ ପାଳନ କରାଯାଉଛି। ବିକଶିତ ଓଡ଼ିଶା,ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବା ନିମନ୍ତେ ୨୦୩୬ ଓ ୨୦୪୭ ଅନୁଯାୟୀ ଜଳ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମସ୍ତ ସମ୍ଭାବ୍ୟ ଚାଷ ଯୋଗ୍ୟ ଜମିର ୯୦ଧ ପ୍ରତିଶତରୁ ଅଧିକ ଅଞ୍ଚଳକୁ ଜଳ ସେଚନ ପରିସର ଭୁକ୍ତ କରିବାକୁ ଲକ୍ଷ୍ୟ ହାସଲ କରିବା ଲକ୍ଷ୍ୟ ରଖାଯାଇଛି । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ବିଭିନ୍ନ ବିଭାଗ ଯଥା ପ୍ରାଣୀଚିକିତ୍ସା, କୃଷି,ଉଦ୍ୟାନ, ଜଳଛାୟା ବିଭାଗ ଦ୍ୱାରା ପ୍ରଦର୍ଶିତ କରାଯାଇଥିବା ବିଭିନ୍ନ କାର୍ଯ୍ୟାନ୍ୱୟନ ମାର୍ଜିତ ରୂପରେଖ ଜନସାଧାରଣଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା ।

## ଦୁଇଟି ୱାରେଣ୍ଟ ବଳରେ ଯୁବକ ଗିରଫ

ବ୍ରହ୍ମପୁର,୧୩।୧(ସମିସ): ଗୋଷାଣିନୁଆଗାଁ ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ଗୋଷାଣିନୁଆଗାଁର ରଞ୍ଜିତ ନାୟକ(୩୯)। ଜିଆର୨୦୦୫/୨୦ ଓ ଏସଟି ୩୬୨/୨୨ ଭଳି ଦୁଇଟି ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲୁ) ବଳରେ ପୋଲିସ ରଞ୍ଜିତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ୨୦୨୦ମସିହାରେ ଏକ ଡକାୟତି ଯୋଜନା ମାମଲାରେ ଗିରଫ ହୋଇ ଜେଲଯାଇଥିଲେ। କିଛିମାସ ପରେ ତାଙ୍କୁ ଜାମିନ ମିଳିଥିଲା ସେହିପରି ୨୦୨୩ମସିହାରେ ଜଣେ ଯୁବତୀଙ୍କୁ ଏକ ତରଫା ପ୍ରେମ କରି ଆସୁଥିଲେ। ଯୁବତୀ ଜଣକ ତାହାର ପ୍ରତିବାଦ କରିବାରୁ ରଞ୍ଜିତ ମାରଣାସ୍ତ୍ର ଦେଖାଇ ତାଙ୍କୁ ଭୟଭୀତ କରିବା ସହ ଅସଦାଚାରଣ ଓ ଧମକଚମକ ଦେଇଥିଲେ। ଅଭିଯୋଗ ପରେ ପୋଲିସ ତାଙ୍କୁ ଗିରଫ କରି ଜେଲ ପଠାଇଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ତେବେ ପରବର୍ତ୍ତି ସମୟରେ ଉକ୍ତ ଦୁଇଟି ମାମଲାର ବିଚାରଣା ବେଳେ ରଂଜିତ କୋର୍ଟରେ ହାଜର ହୋଇନଥିଲେ। ଦୀର୍ଘଦିନ ଧରି ଫେରାର ରହିଥିବାରୁ କୋର୍ଟ ତାଙ୍କ ବିରୋଧରେ ଏନବିଡବ୍ଲୁ ଜାରି କରିଥିଲେ। ଫେରାର ରଂଜିତଙ୍କୁ ଧରିବା ପାଇଁ ପୋଲିସ ଟ୍ରାକିଂ ଜାରି ରଖିଥିଲା। ଆଜି ସେ ଗୋଷାଣିନୁଆଗାଁରୁ କନିଷି ଅଭିମୁଖେ ଯାଉଥିବା ବେଳେ ରାସ୍ତାରେ ତାଙ୍କୁ ପୋଲିସ କାବୁ କରିଥିବା ଜଣାପଡିଛି।

## ଲଜ ସମ୍ମୁଖରୁ ମୃତଦେହ ଉଦ୍ଧାର

ବ୍ରହ୍ମପୁର,୧୩।୧(ସମିସ): ଷ୍ଟେସନ ରୋଡରେ ଥିବା ଏକ ଲଜ ସମ୍ମୁଖରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ବ୍ୟକ୍ତିଙ୍କ ପରିଚୟ ସ୍ପଷ୍ଟ ହୋଇନଥିବା ବେଳେ ତାଙ୍କ ବୟସ ପାଖାପାଖି ୫୦ ହେବ ବୋଲି କୁହାଯାଉଛି। ପୁଲିସ ତାଙ୍କ ମୃତଦେହ ଜବତ କରି ଏମକେସିଜି ମେଡିକାଲକୁ ପଠାଇବା ପରେ ଶବ ଗୃହରେ ସଂରକ୍ଷିତ କରି ରଖିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆଜି ସକାଳୁ ଏହି ବ୍ୟକ୍ତି ଜଣଙ୍କ ଉକ୍ତ ଲଜ ସମ୍ମୁଖରେ ଅଚେତ ଅବସ୍ଥାରେ ପଡି ରହିଥିବା ଖବର ମିଳିବା ପରେ ପୁଲିସ ପହଞ୍ଚି ତଦନ୍ତ କରିଥିଲା।

## ପୋଲ ତଳେ ପଡ଼ିଲା ସ୍କୁଟି, ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଫିରିଙ୍ଗିଆ, ୧୩।୧ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପଲାବୃଡ଼ି ପଞ୍ଚାୟତ ସାପ୍ତିଙ୍ଗିଆ ନିକଟ ବ୍ରିଜରେ ସ୍କୁଟି ଦୁର୍ଘଟଣା ଘଟି ଜଣେ ମୃତ୍ୟୁ ବରଣ କରିଥିବା ବେଳେ ସ୍କୁଟି ଚାଳକ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣା ପଡିଛି। ସୂଚନା ଅନୁସାରେ ଗୋଚ୍ଛାପଡା ଅନ୍ତର୍ଗତ ସାପ୍ତିଙ୍ଗିଆ ଗାଁରୁ ପଲାବୃଡି ପଞ୍ଚାୟତ ମୁସେଲୀପଙ୍ଗା ଗାଁକୁ ଦୋକାନ ରୁ କିଛି ଦୋକାନ ସାମଗ୍ରୀ କିଣିବାକୁ ମିନତୀ କହଁର ବୟସ ୧୭ ଏବଂ ସବିତା କହଁର ବୟସ ୨୧ ଦୁହେଁ ମିଶି ଏକ ସ୍କୁଟି ରେ ଯାଉଥିଲେ। ସାପ୍ତିଙ୍ଗିଆ ଓ ସାପ୍ତିଙ୍ଗିଆ ଛକ ମଝିରେ ଥିବା ସାରୁ ମାହା ପୋଲ ରେ ଭାରସାମ୍ୟ ହରାଇ ପୋଲ ତଳେ ଖସି ପଡ଼ିଥିଲେ ଉଭୟ ପୋଲ ତଳେ ପଡ଼ିଥିବା ବେଳେ କିଛି ଲୋକେ ଦେଖିବା ପରେ ତୁରନ୍ତ ପରିବାର ଲୋକଙ୍କୁ ଖବର ଦେବା ପରେ ପରିବାର ଲୋକେ ପ୍ରଥମେ ଗୁରୁତର ଅବସ୍ଥାରେ ଗୋଚ୍ଛାପଡା ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ମେଡିକାଲ ରେ ସ୍କୁଟି ପଛରେ ବସିଥିବା ମିନତୀ କହଁରଙ୍କୁ ଡାକ୍ତର ମୃତ୍ ଘୋଷଣା କରିଥିବା ବେଳେ ଅନ୍ୟଜଣେ ସ୍କୁଟି ଚାଳକ ସବିତା କହଁର ଗୁରୁତର ଅବସ୍ଥାରେ ଗୋଚ୍ଛା ପଡା ମେଡିକାଲ ରେ ଚିକିତ୍ସିତ ହେଉଥିବା ଜଣା ପଡିଛି। ଗୋଚ୍ଛା ପଡା ପୋଲିସ ଗୋଚ୍ଛାପଡା ମେଡିକାଲ ରେ ପହଞ୍ଚି ଶବ ଜବତ କରିଥିବା ବେଳେ ଏକ ମାମଲା ରୁଜୁ ଅଧିକ ତଦନ୍ତ ଚାଲୁ ରହିଥିବା ଗୋଚ୍ଛା ପଡା ଥାନା ଅଧିକାରୀ ଚିରଞ୍ଜିବି ବେହେରା ସୂଚନା ଦେଇଛନ୍ତି।

## ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ

ଆସିକା,୧୩।୧(ସମିସ): ଆସିକା ବ୍ଲକ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ନୂଆପଲ୍ଲୀ କ୍ଲଷ୍ଟରର କର୍ପୁର ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳ ବାର ଦିନ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଅର୍ଚ୍ଚନା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଇଓ ମୁନରାଣୀ ମହାନ୍ତି, ଏବିଇଓ ବିଭୁ ନନ୍ଦନ ପଣ୍ଡା, ଚଢ଼େୟାପଲ୍ଲୀ ସରପଞ୍ଚ ଜୟସେନ ସ୍ୱାଇଁ, ଦେବଭୂମି ସରପଞ୍ଚ ଅଶାନ୍ତି ବେହେରା, ବାଲିଛାଇ ସରପଞ୍ଚ ରଶ୍ମିତା ସ୍ୱାଇଁ, ପ୍ରଧାନ ଶିକ୍ଷକ ପୁଷ୍ପଲତା ପାତ୍ର, ପରିଚାଳନା ସଭାପତି ସତ୍ୟ ନାରାୟଣ ଦଳାଇ, ପିଇଓ ସୁବାଶିଷ ବେହେରା, ସାମାଜିକ କର୍ମୀ ଗୌରହରି ବେହେରା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ।

## ବିଦ୍ୟାଳୟସ୍ତରୀୟ 'ପିଏମ୍‌ଶ୍ରୀ' ଉତ୍ସବ ପାଳିତ

କୁକୁଡାଖଣ୍ଡି,୧୩।୧(ସମିସ): ନିମଖଣ୍ଡି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ "ପିଏମ୍‌ଶ୍ରୀ' ଉତ୍ସବ ଅତ୍ୟନ୍ତ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ବର୍ଣ୍ଣାଢ଼୍ୟ ଭାବେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶାନ୍ତନୁ ସାବତଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମନ୍ତ୍ରୀଙ୍କ ପ୍ରତିନିଧି ଗଙ୍ଗାଧର ଶତପଥି କୁକୁଡାଖଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ କୁମାର ମହାପାତ୍ର, ନିମଖଣ୍ଡି ସରପଞ୍ଚ ଶଶୀ ବେହେରା, ସମିତିସଭ୍ୟ ବିଷ୍ଣୁ ବେହେରା ପ୍ରମୁଖ ଅତିଥି ଭାବେ ମଞ୍ଚାସିନ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

## ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ସ୍ୱନକ୍ଷତ୍ର ଦିବସ

ଖଲିକୋଟ, ୧୩।୧(ସମିସ): ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଖଲ୍ଲିକୋଟ ସାଂସ୍କୃତିକ ପରିଷଦ ତରଫରୁ ଯୁବରାଜ ମଣ୍ଡପ ଠାରେ ପରିଷଦ ସଭାପତି ଡାକ୍ତର ସାକେତ ରାମରାଓଙ୍କ ଅଧକ୍ଷତାରେ ଉତ୍ସବ ଆୟୋଜିତ ହୋଇଛି। ମୁଖ୍ୟଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ରାଜା ସ୍ୱର୍ଗତ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ରାଜ୍ୟର ଜଣେ ସଚ୍ଚା ଓଡ଼ିଆ ଓ ନମସ୍ୟ ପୁରୁଷ ଥିଲେ ବୋଲି କହିଥିଲେ। ଖଲ୍ଲିକୋଟକୁ ମୁଁ ପ୍ରଧାନମନ୍ତ୍ରୀ ଘୋଷଣା କରିଥିବା ରାମଚନ୍ଦ୍ର ସ୍ମାରକୀ କରିବାକୁ ସମସ୍ତ ବ୍ୟବସ୍ଥା ଚାଲିଛି ବୋଲି କହିଥିଲେ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ରାଜା ରାମଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥ୍ୟ ବିଧାୟକ ପୂର୍ଣଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। ଡାକ୍ତର ହରପ୍ରସାଦ ମହାପାତ୍ର ଓ ପ୍ରଫେସର ଡ଼. ପ୍ରକାଶଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପରିଷଦ ସମ୍ପାଦକ ସୁଧାଂଶୁ ଶେଖର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଡ଼. ଅଶୋକ ପାଳ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଦିବଂଗତ ସାମ୍ବାଦିକ ଜଗନ ମୋହନ ମହାପାତ୍ରଙ୍କୁ ମର୍ଦ୍ଦରାଜ ସମ୍ମାନ ତାଙ୍କ ଝିଅ ସୁଶ୍ରୀ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଶିକ୍ଷାବିତ ଚନ୍ଦ୍ର ଶେଖର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଉପଲକ୍ଷେ ସ୍ମରଣିକା 'ମର୍ଦ୍ଦରାଜ' ମଞ୍ଚାସୀନ ଅତିଥ୍ୟ ଉନ୍ମୋଚନ କରିଥିଲେ। କବି ପ୍ରଭାତ କୁମାର ମିଶ୍ର ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ। ସ୍ଥାନୀୟ କଳାକାର ନୃତ୍ୟକୁ ଦର୍ଶକ ଉପଭୋଗ କରିଥିଲେ।

### ମେୟରଙ୍କ ଦ୍ୱାରା ବିଇଏମସିର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା

# ସହରର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା ହେବ ତିନି ମହାପୁରୁଷଙ୍କ ପ୍ରତିମୂର୍ତ୍ତି

ବ୍ରହ୍ମପୁର,୧୩।୧(ସମିସ)



ବ୍ରହ୍ମପୁର ମହାନଗର ନିଗମର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଓ ପ୍ରସ୍ତାବିତ ପ୍ରକଳ୍ପର ସମୀକ୍ଷା କରିଛନ୍ତି ଖୋଦ୍ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ। ଖାସ କରି ପୂର୍ତ୍ତବିଭାଗ ସମ୍ପର୍କିତ ପ୍ରକଳ୍ପ ଗୁଡିକ ସମୀକ୍ଷାରେ ସ୍ଥାନ ପାଇଥିଲା। ସମୀକ୍ଷା ବୈଠକରେ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ସିଟି ଇଂଜିନିୟର ମନୋଜ ପାତ୍ରଙ୍କ ସମେତ ନିର୍ବାହୀଯନ୍ତ୍ରୀ ଓ ସମସ୍ତ ଯନ୍ତ୍ରୀ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରକଳ୍ପ ସମ୍ପର୍କିତ ତଥ୍ୟ ଓ ଅଗ୍ରଗତି ସମ୍ପର୍କରେ ସୂଚନା ପାଇବା ପରେ ମେୟର ଓ ଡେପୁଟି ମେୟର ସନ୍ତୋଷ ପ୍ରକାଶ କରିଥିବା ଜଣାପଡିଛି। ଆଗାମୀ ଦିନରେ ନିଗମ ପକ୍ଷରୁ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ବିନିଯୋଗ ହେବାକୁ ଥିବା ବହୁ କୋଟି ସରକାରୀ ଅନୁଦାନକୁ କିଭଳି ବିଭିନ୍ନ ପ୍ରକଳ୍ପ ଜରିଆରେ ୱାର୍ଡ ୱାରୀ ସୁଷମ ବଣ୍ଟନ ହେବ ସେଥିପ୍ରତି ଗୁରୁତ୍ୱାରୋପ କରାଯାଇଥିଲା। କେବଳ ଟେଣ୍ଡର ବାହାର କରି କାମ ନସାରି ତୁରନ୍ତ କାର୍ଯ୍ୟାଦେଶ ଦେଇ କାର୍ଯ୍ୟାରମ୍ଭ କରିବାକୁ ମେୟର ଗୁରୁତ୍ୱ ଦେଇଥିଲେ। ସେହିଭଳି ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ସହରର ପ୍ରମୁଖ ସ୍ଥାନରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲବାହାଦୂର ଶାସ୍ତ୍ରୀ, ସହିଦ ଲକ୍ଷ୍ମଣ ନାୟକ ଓ ସ୍ୱାମୀ ବିବେକାନନ୍ଦଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସହିତ ପ୍ରସ୍ତାବିତ ଗିରି ମାର୍କେଟ ଠାରେ ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଭି ଭି ଗିରିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଥିବା ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ଏଥିପାଇଁ ଆମ୍ବପୁଆ, ଖଲ୍ଲିକୋଟ କଲେଜ ଛକ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ଏକ ସ୍ଥାନ ନିରୁପଣ ହୋଇନଥିବା ଜଣାପଡିଛି। ସେହିଭଳି ଗିରିରୋଡ ବାଳିକା ଉଚ୍ଚ ବିଦ୍ୟାଳୟ ଯାହା ସ୍ୱର୍ଗତ ଭିଭି ଗିରିଙ୍କ ନିଜସ୍ୱ ବାସଗୃହ ସେଠାରେ ମଧ ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଆଲୋଚନା କରାଯାଇଥିବା ଜଣାପଡିଛି।

### ମୃତ ଦାଦନ ଶ୍ରମିକଙ୍କ ପରିବାର ପ୍ରତି ଜିଲ୍ଲାପାଳଙ୍କ ସହାୟତା

## ମୃତଦେହ ଫେରାଇ ଆଣିବାକୁ ୨୦ ହଜାର ଟଙ୍କା ମଞ୍ଜୁର

ପାରଳାଖେମୁଣ୍ଡି, ୧୩।୧ (ସମିସ): ଗଜପତି ଜିଲ୍ଲାପାଳଙ୍କ ମାନବିକ ଚେହେରା ପ୍ରକାଶ ପାଇଛି। ବାହାର ରାଜ୍ୟରେ କାର୍ଯ୍ୟରତ ଥିବା ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହ ଗ୍ରାମକୁ ଫେରାଇ ଆଣିବାରେ ଅସମର୍ଥ ପରିବାରକୁ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ସହାୟତାର ହାତ ବଢ଼ାଇଛନ୍ତି। ସୂଚନା ଅନୁଯାୟୀ ସେରଙ୍ଗ ଗ୍ରାମ ନବରଙ୍ଗ ସାହିର ଦିଗବିଜୟ ଲିମ୍ମା (୩୨) ପରିବାର ପୋଷଣ ପାଇଁ ତାମିଲନାଡୁର ମୁଦୁରାଇ ଅଞ୍ଚଳର ଏକ ଘରୋଇ କମ୍ପାନୀରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ହଠାତ୍ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିବାବେଳେ ତାଙ୍କ ମୃତ୍ୟୁ ଘଟିଥିବା ଖବର ପରିବାରକୁ ମିଳିଥିଲା । ମୃତଦେହ ଫେରାଇ ଆଣିବାକୁ ପରିବାର ପାଖରେ ଆର୍ଥିକ ସମ୍ବଳ ନଥିଲା। ଘଟଣା ସମ୍ପର୍କରେ ସଂଖ୍ୟାଲଘୁ ନେତା ଡଃ ପଲ୍ଲଭ କୁମାର ଲିମ୍ମାଙ୍କ ସହ ପରିବାର ସଦସ୍ୟମାନେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ଘଟଣାର ଗମ୍ଭୀରତା ବୁଝି ଜିଲ୍ଲାପାଳ ମୃତଦେହ ଫେରାଇ ଆଣିବା ଖର୍ଚ୍ଚ ବାବଦକୁ ରେଡ କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ତୁରନ୍ତ ମଞ୍ଜୁର କରିବା ସହ ପରିବାରକୁ ସମସ୍ତ ଯୋଗ୍ୟ ସରକାରୀ ଯୋଜନାରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୃତକଙ୍କ ପରିବାର କହିଲେ ବିଧବା ମା, ବିଧବା ପତ୍ନୀ ଓ ୪ ବର୍ଷ ଓ ୬ ମାସ ବୟସର ଦୁଇଜଣ କୁନି ସନ୍ତାନ ଥିବା ଜଣାପଡ଼ିଛି। ଜିଲ୍ଲାପାଳଙ୍କ ଏପରି ବଦାନ୍ୟତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି ।

## ପିଏମଶ୍ରୀ ସିଟି ହାଇସ୍କୁଲରେ ଛାୟା ବିଧାନସଭା କାର୍ଯ୍ୟକ୍ରମ



ବ୍ରହ୍ମପୁର,୧୩।୧(ସମିସ): ସ୍ଥାନୀୟ ପିଏମଶ୍ରୀ ସିଟି ହାଇସ୍କୁଲ ପରିସରରେ ଛାତ୍ରମାନଙ୍କ ଦ୍ୱାରା ଛାୟା ବିଧାନସଭା କାର୍ଯକ୍ରମର ଆୟୋଜିତ ହୋଇଯାଇଛି। ଏଥିରେ ୨୫ଜଣ ଛାତ୍ର ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପାଳକୃଷ୍ଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଚସ୍ପତି ଭୂମିକାରେ ଛାତ୍ର ସୁନୀଲ ସେଠୀ, ମୁଖ୍ୟମନ୍ତ୍ରୀ ଭୂମିକାରେ ଆଲୋକ କୁମାର ପାଢ଼ୀ, ଶିକ୍ଷାମନ୍ତ୍ରୀ ଭୂମିକାରେ ରୁଦ୍ର ପ୍ରସାଦ ବେହେରା, ବିରୋଧୀଦଳ ନେତା ଭାବେ ଲମ୍ବୋଦର ବେହେରା ଓ ଉତ୍ତମ ସାହୁ ପ୍ରମୁଖ ଭୂମିକା ନେଇଥିଲେ। "ଅନ୍ନଦାତାଙ୍କ ଅଶ୍ରୁ' ଓ "ପୁରସ୍କାରରେ ରାଜନୀତି' ବିଷୟକୁ ନେଇ କାର୍ଯ୍ୟକ୍ରମର ମୁଖ୍ୟ ପ୍ରସଙ୍ଗ ରହିଥିଲା। କାର୍ଯ୍ୟକ୍ରମରେ ଛାତ୍ରମାନେ କିଭଳି ରାଜ୍ୟର ବିଧାନସଭା ଦାୟିତ୍ୱ ଓ କାର୍ଯ୍ୟକାରିତା ସମ୍ପର୍କରେ ଅବଗତ ହୋଇଥିଲେ। ଆଲୋକ କୁମାର ପାଢୀ ଏବଂ ଲମ୍ବୋଦର ବେହେରାଙ୍କୁ ଉତ୍ତମ ଚରିତ୍ର ପ୍ରଦର୍ଶନ ନିମନ୍ତେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ପଟ୍ଟନାୟକ, ସୁଜାତା ମହାରଣା, ଲଳିତା ବେହେରା, ମମତାରାଣୀ ତ୍ରିପାଠୀ ଓ କୁମାରୀ ମୋନାଲିସା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନରସିଂହ ହାଇସ୍କୁଲରେ ପିମ୍‌ଶ୍ରୀ ବାର୍ଷିକ ଉତ୍ସବ



ପୁରୁଷୋତ୍ତମପୁର,୧୨।୧(ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ସହରସ୍ଥିତ ପିଏମ୍ ଶ୍ରୀନରସିଂହ ଦାସ ଉଚ୍ଚ ବିଦ୍ୟାଳୟ ପରିସରରେ ପିଏମଶ୍ରୀ ଯୋଜନା ମାଧ୍ୟମରେ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ସର୍ଦ୍ଦାରଙ୍କ ଅଧକ୍ଷତା କରି ବାର୍ଷିକ ବିବରଣୀ ପଠନ କରିଥିଲେ। ପୁରୁଷୋତ୍ତମପୁର ବିଡ଼ିଓ ଶରତ କୁମାର ପାତ୍ର ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ପୁରୁଷୋତ୍ତମପୁର ଅଞ୍ଚଳ ବରିଷ୍ଠ ଶିକ୍ଷାବିତ ତଥା ହିନ୍ଦୀ ପ୍ରଚାର ସଭାର କୁଳସଚିବ ପ୍ରଫୁଲ୍ଲ କୁମାର ରଥ ଯୋଗଦେଇ ଛାତ୍ର ଛାତ୍ରୀଙ୍କ ଉଜ୍ଜଳମୟ ଭବିଷ୍ୟତ କାମନା କରିବା ସହ ବିଭିନ୍ନ ସଚେତନତା ମୂଳକ ଉପଦେଶ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ପୁରୁଷୋତ୍ତମପୁର ଏନଏସିର ଭାରପ୍ରାପ୍ତ ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା, ବ୍ଲକ ଶିକ୍ଷା ଗୋଷ୍ଠୀ ଅଧିକାରୀ କିଶୋର ଚନ୍ଦ୍ର ବେହେରା, ତାରାତାରିଣୀ ମହାବିଦ୍ୟାଳୟର ଅଧକ୍ଷ ଡ଼.ପ୍ରଦୀପ କୁମାର ସାହୁ, ଆଇଟି ସେକ୍ଟର ଯେଏନ୍ ଟାଟା ଟେକ୍ନୋଲୋଜି ଅଧ୍ୟାକ୍ଷା ସ୍ନେହଲତା ହୋତା, ଆଇଟି ମୁଖ୍ୟ ଦେବେନ୍ଦ୍ର କୁମାର ରାଉତ, ବରିଷ୍ଠ ଶିକ୍ଷାବିତ ଏ ରାଜ ଗୋପାଳ ରାଓ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ପରମଗୁରୁ ମହାପାତ୍ର, ପବିତ୍ରା କୁମାରୀ ତ୍ରିପାଠୀ, ଏବିଇଓ ଦେବରାଜ ବେହେରା, ବିଜୟ କୁମାର ବେହେରା, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ବେହେରା ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଦୁର୍ଯ୍ୟୋଧନ ସାହୁ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ



ଛତ୍ରପୁର,୧୩।୧(ସମିସ): ବ୍ରହ୍ମପୁର ଜଳ ସେଚନ ବିଭାଜନ ଆନୁକୂଲ୍ୟରେ ଗଞ୍ଜାମ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ୨୦୨୫ -୨୬ ଛତ୍ରପୁର ସ୍ଥିତ ରୁଷିକୂଲ୍ୟା ସମ୍ମିଳନୀ କକ୍ଷରେ ରଷିକୂଲ୍ୟା ଓ ବାହୁଦା ଅବ ବାହିକା ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରାଜୀବ କୁମାର ପଣ୍ଡିତଙ୍କ ସଭାପତିତ୍ୱ ରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇ ଚଷା ପୁଅର ମୁହଁରେ ଖୁସି ଦେବା ନିମନ୍ତେ ପ୍ରତ୍ୟେକ ଦିଗରୁ ସରକାର ଚେଷ୍ଟା କରୁଛନ୍ତି କ୍ଷ ଚାଷୀ ଙ୍କ ଯେଉଁ ସମସ୍ୟା ରହିଛି। ତାହା ବିଭିନ୍ନ ପ୍ରକଳ୍ପ ମାଧ୍ୟମରେରେ ସେମାନଙ୍କ ଜମିକୁ ପାଣି ଯୋଗାଇବା ଦିଆଯାଉଛି ବୋଲି କହିଥିଲେ। ଗଞ୍ଜାମ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ଉପାଧକ୍ଷା ଏସ. ରାଜେଶ୍ୱରୀ ଦୋରା, ଅତିରିକ୍ତ ଜିଲ୍ଲାପାଳ ତଥା ଡୁଡା ପିଡି ସୁନୀଲ କୁମାର କେର୍କେଟା, ଗଞ୍ଜାମ ଜିଲ୍ଲା ପରିଷଦ ଇନଚାର୍ଜ ସିଡିଓ ବିଜୟ କୁମାର ବେହେରା, କ୍ୱାଲିଟି କଣ୍ଟ୍ରୋଲର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଜୟଦୀପ ପଣ୍ଡା, ବ୍ରହ୍ମପୁର ଜଳ ସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ସୁବ୍ରତ ପଟ୍ଟନାୟକ, ଭଞ୍ଜନଗର ଅଧିକ୍ଷଣ ଯନ୍ତ୍ରୀ ସଂଜୟ କୁମାର ପ୍ରଧାନ, କ୍ୱାଲିଟି କଣ୍ଟ୍ରୋଲର ଅଧିକ୍ଷଣ ଯନ୍ତ୍ରୀ ବିଷ୍ଣୁ ଚରଣ ସାହୁ, ଡିଜାଇନସ ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପାଣିର ସୁବିନିଯୋଗ, ପାଣି ସଂରକ୍ଷଣ, ସଚେତନ, ମିଳିମିଶି ସହଭାଗିତାରେ ଚାଷ,କମପାଣିରେ ଅଧିକ ଚାଷ, ଜଳ ସୁ ପରିଚାଳନା ପାଇଁ କହିଥିଲେ। ନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ। ପାଣି ପଞ୍ଚାୟତକୁ ଗୃହ ଯୋଗାଇବା ସହ କୃଷକ ଭବନ ନାମ ଦିଆଯାଉ ବୋଲି ସ୍ୱପ୍ନେଶ୍ୱର ପାଣି ପଞ୍ଚାୟତର ସଭାପତି ଯୋଗେନ୍ଦ୍ର ସ୍ୱାଇଁ ଉପସ୍ଥାପନା କରିଥିଲେ। ଏହି ଅବସରରେ ଜିଲ୍ଲାସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଦକ୍ଷିଣପୁର କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା



କୁକୁଡାଖଣ୍ଡି,୧୩।୧(ସମିସ): ଦକ୍ଷିଣପୁର କ୍ଲଷ୍ଟରସ୍ଥ ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାପୀଠରେ କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆମ୍ବଗଡ଼ ସମବାୟ ସମିତିର ସଭାପତି କାହ୍ନୁଚରଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ସିଆରସିସି ଶିବରାମ ମହାକୁଡ଼ ମୁଖ୍ୟବକ୍ତା, ରଞ୍ଜନ ପାଣିଗ୍ରାହୀ, ଶିକ୍ଷାବିତ୍ ପ୍ରମୋଦ ସାମନ୍ତରାୟ, ଶିକ୍ଷାବିତ୍ ନକୂଳ ଜେନା, ଗିରିଧାରୀ ସାହୁ ଓ ଗଙ୍ଗାଧର ଗୌଡ଼ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ଲଷ୍ଟର ୧୩ଟି ବିଦ୍ୟାଳୟର ପ୍ରଧାନ ଓ ସହକାରି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗ ଦେଇଥିଲେ। ଏନୟୁପିଏସ ଦକ୍ଷିଣପୁର ପ୍ରଧାନ ଶିକ୍ଷୟିତ୍ରୀ ଏ.ପୁଷ୍ପଲତା ଓ ରଶ୍ମିତା କୁମାରୀ ପ୍ରଧାନ, ଆମ୍ବଗଡ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା କୁମାରୀ ସାହୁ ଓ ଲକ୍ଷ୍ମୀକାନ୍ତ ମହାପାତ୍ର, ଗୁଣ୍ଡବନ୍ଧ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଜାତା କୁମାରୀ ସାହୁ, ଲାଞ୍ଜିଆ ବିଦ୍ୟାଳୟର ରଞ୍ଜୁଲତା ପଟ୍ଟନାୟକ, ବାଳକୃଷ୍ଣ ପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶଶୀରେଖା ମଲିକ, ଜି.ଟୁନା ଦୋରା ଓ ଜେ.ରମେଶ ଚନ୍ଦ୍ର ସେନାପତି, ଭଗବାନ ପୁର ପ୍ରଧାନ ଶିକ୍ଷୟିତ୍ରୀ କନକ ଲତା ମହାନ୍ତି, ବୁଦାଲୁଣ୍ଡି ପ୍ରଧାନ ଶିକ୍ଷୟତ୍ରୀ ମହାଲକ୍ଷ୍ମୀ କର, ବାଘଝରି ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ଅଚାରୀ, ବିରିବାଡିଆ ପ୍ରଧାନ ଶିକ୍ଷକ ସୋମିୟ ରଞ୍ଜନ ଦାସ ଓ ତଳ କୁମ୍ଭଝରି ପ୍ରଧାନ ଶିକ୍ଷୟିତ୍ରୀ ସଂଗୀତା ପାତ୍ର ଯୋଗ ଦେଇ ଆସ ଆମେ ସ୍କୁଲ ଯିବା କାର୍ଯ୍ୟକ୍ରମକୁ କିପରି ସଫଳ କରିବା ସେ ଉପରେ ଆଲୋକପାତ କରିଥିଲେ।

## ବରିଷ୍ଠ ଆଇନଜୀବୀଙ୍କ ବିୟୋଗରେ ଶୋକସଭା



ବ୍ରହ୍ମପୁର,୧୩।୧(ସମିସ): ଗଞ୍ଜାମ ଓକିଲ ସଂଘ ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ବିପ୍ର ଚରଣ ସାହୁଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସଭାପତି ମନୋଜ ପଟ୍ଟନାୟକଙ୍କ ଅଧକ୍ଷତାରେ କୋର୍ଟ ପରିସରରେ ଥିବା ଅସ୍ଥାୟୀ ସେଡ଼ରେ ଅନୁଷ୍ଠିତ ଶୋକସଭାରେ ସ୍ୱର୍ଗତ ଆଇନଜୀବୀ ବିପ୍ର ଚରଣ ସାହୁଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପର ଶୋକସନ୍ତପ୍ତ ପରିବାରବର୍ଗଙ୍କ ପାଇଁ ସମବେଦନା ମଧ ଜ୍ଞାପନ କରାଯାଇଥିଲା। ଏହି ଶୋକସଭାରେ ସଂଘର କର୍ମକର୍ତ୍ତାଙ୍କ ସମେତ ବହୁ ବରିଷ୍ଠ ଓ ଯୁବ ଆଇନଜୀବୀ ଉପସ୍ଥିତ ଥିଲେ। ମଙ୍ଗଳବାର ଏକ ଘଣ୍ଟା ପାଇଁ ଓକିଲ ସଂଘ ତରଫରୁ ଜିଲ୍ଲା ଜଜ୍ କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତ ଗୁଡିକରେ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇଥିଲା। ସେହିପରି ମଙ୍ଗଳବାର ଅପରାହ୍ନରେ ବରିଷ୍ଠ ଆଇନଜୀବୀ ଭୁବନେଶ୍ୱର ପାଣିଗ୍ରାହୀଙ୍କ ମଧ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସନ୍ଧ୍ୟାରେ ତାଙ୍କ ମୃତଦେହ କୋର୍ଟ ପରିସରକୁ ଆଣାଯାଇଥିବା ସୂଚନା ରହିଛି।

### ଛତ୍ରପୁରରେ ଲାଗିବ ସ୍ମାର୍ଟ ଟ୍ରାଫିକ ଲାଇଟ ମ୍ୟାନେଜମେଣ୍ଟ ସିଷ୍ଟମ

## ବ୍ଲାକସ୍ପଟ ଅଞ୍ଚଳ ଦେଖିଲେ ଜିଲ୍ଲାପାଳ ଓ ଏସପି

ଛତ୍ରପୁର,୧୩।୧(ସମିସ)




ସଡକ ଦୁର୍ଘଟଣାରେ ବହୁ ଲୋକଙ୍କ ମୃତ୍ୟୁ ଘଟୁଛି। ଏଥିରୁ ବାଦ୍ ପଡ଼ିନି ଗଞ୍ଜାମ ଜିଲ୍ଲା। ୨୦୨୪ ଅପେକ୍ଷା ୨୦୨୫ ରେ ମଧ ଦୃର୍ଘଟଣା ଓ ମୃତ୍ୟୁ ହାର ବୃଦ୍ଧି ପାଇଛି । ଜିଲ୍ଲାରେ ଯେଉଁ ୧୦ଟି ସ୍ଥାନରେ ଅଧିକ ଦୃର୍ଘଟଣା ଘଟୁଛି ସେହି ସ୍ଥାନକୁ ଚିହ୍ନଟ କରାଯାଇ ବ୍ୟାପକ ବ୍ୟବସ୍ଥା କରାଯାଉଛି । ଏନେଇ ଆଜି ଛତ୍ରପୁର କଲେଜ ଛକ ନିକଟରେ ଅଧିକ ଦୃର୍ଘଟଣା ଘଟୁଥିବାରୁ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ, ଗଞ୍ଜାମ ଏସପି ସୁଭେନ୍ଦୁ କୁମାର ପାତ୍ର ,ଗଞ୍ଜାମ ଆରଟିଓ ଇଂ.ଦେବାଶିଷ ସ୍ୱାଇଁ ପରିଦର୍ଶନ କରିବା ସହ କିପରି ଏହି ଛକରେ ଦୁର୍ଘଟଣା ହାର କିପରି କମିବ ସେନେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଛତ୍ରପୁର କଲେଜ ଛକ ଗାଡି ସବୁ ଦ୍ରୁତଗତିରେ ଆସୁଥିବାରୁ ଏଠାରେ ଆଜି ଛତ୍ରପୁର ସରକାରୀ ଆଇଟିଆଇ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା କରାଯାଇଥିବା ୧୬ଟି ବ୍ୟାରିକେଟ ଲଗାଯାଇଛି। ଏହାସହ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୪ଟି ସ୍ଥାନ ଛତ୍ରପୁର କଲେଜ ଓ ଡିଆରଡିଏ ଛକ, ପୁକୁଡିବନ୍ଧ ଓ ଲାଞ୍ଜିପଲ୍ଲୀ ଛକରେ ସ୍ମାର୍ଟ ଟ୍ରାଫିକ ଲାଇଟ ମ୍ୟାନେଜମେଣ୍ଟ ସିଷ୍ଟମ ରହିବ। ପରବର୍ତ୍ତୀ ସମୟରେ ଅନ୍ୟ ସ୍ଥାନ ଚିହ୍ନଟ ହୋଇ ଏହି ବ୍ୟବସ୍ଥା କରାଯିବ ବୋଲି ଆଲୋଚନା ହୋଇଥିଲା। ଟ୍ରାଫିକ କଂଟ୍ରୋଲ ପାଇଁ ୫୦ଟି ଟ୍ରାଫିକ ୱାର୍ଡେନ ମଧ ନିୟୋଜିତ ହେବା। ଜିଲାରେ ଚିହ୍ନଟ ହୋଇଥିବା ୨୫ଟି ସ୍ଥାନ ରେ ଆଇଏମଏସ କ୍ୟାମେରା ଲାଗିବ କ୍ଷ ୭ଟି ସ୍ଥାନରେ ଲାଗିଯିବା ସହ କାର୍ଯ୍ୟକ୍ଷମ ରହିଛି ଏବଂ ବଳକା ୧୮ଟି ସ୍ଥାନରେ ଖୁବଶ୍ରୀଘ ଲାଗି ତାହା କାର୍ଯ୍ୟକ୍ଷମ ହେବ। ଯାହାଫଳରେ ଯେଉଁମାନେ ଟ୍ରାଫିକ ନିୟମ ମାନିବେ ନାହିଁ ସେମାନଙ୍କ ଗାଡିର ଅଟୋମେଟିକ ଚାଲାଣ କଟିବ ବୋଲି ଆରଟିଓ ଇଂ.ଦେବାଶିଷ ସ୍ୱାଇଁ ସୂଚନା ଦେଇଛନ୍ତି। ସମସ୍ତେ ଯଦି ସଡକ ସୁରକ୍ଷା ନିୟମ ମାନିବେ ତେବେ ଦୃର୍ଘଟଣାର ହାର କମିବ।

## ଉପ ଜିଲ୍ଲାପାଳଙ୍କ ଅଫିସ ଆଗରେ ଆଧାର ଅପରେଟରଙ୍କ ବିକ୍ଷୋଭ



ବ୍ରହ୍ମପୁର,୧୩।୧(ସମିସ): ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଗଞ୍ଜାମ ଜିଲ୍ଲା ଆଧାର ଅପେରଟର ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦାୟିତ୍ୱରେ ଥିବା ଘରୋଇ ସଂସ୍ଥା ପକ୍ଷରୁ ସେମାନଙ୍କୁ ଅବହେଳା କରାଯାଉଥିବା ସହ ମାନସିକ ନିର୍ଯ୍ୟାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ବ୍ରହ୍ମପୁର ସମେତ ଗଞ୍ଜାମ ଜିଲ୍ଲାରେ ଏକ ଘରୋଇ ସଂସ୍ଥା ଅଧିନରେ ଶତାଥିବ ଆଧାର ଅପରେଟର କାର୍ଯ୍ୟରତ। ଅପେରଟରଙ୍କ ବକେୟା ଦରମା ପ୍ରଦାନ, ସିକ୍ୟୁରିଟି ଡିପୋଜିଟ ଓ ନବୀକରଣ ଶୁଳ୍କ ଫେରସ୍ତ, ଆଧାର କିଟ୍ ନାମରେ ହେଉଥିବା ଅତିରିକ୍ତ ଆଦାୟ ଉପରେ ତଦନ୍ତ କରି ଆର୍ଥିକ ଠକେଇ ସମ୍ପୂର୍ଣ୍ଣ ବନ୍ଦ ସମେତ ଅନ୍ୟାନ୍ୟ ଦାବିରେ ସଂସ୍ଥା ପକ୍ଷରୁ ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ସ୍ମାରକପତ୍ର ପ୍ରଦାନ କରାଯାଇଛି। ଘଟଣାର ତଦନ୍ତ ସହ ଅପରାଧିକ ମାମଲା ରୁଜୁ କରି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗଞ୍ଜାମ ଜିଲ୍ଲା ଆଧାର ଅପେରଟର ସଂଘ ପକ୍ଷରୁ ଦାବି କରାଯାଇଛି। ବିକ୍ଷୋଭରେ ସଂଘର ସଭାପତି ଜ୍ଞାନରଞ୍ଜନ ସାହୁ, ସମ୍ପାଦକ ସନ୍ତୋଷ ସାହୁ, ଉପସଭାପତି ସାଗର କୁମାର ସାହୁ, ସଦସ୍ୟ ନୀରାକାର ରଥ ଓ କାହ୍ନୁଚରଣ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

